## ବୈତରଣୀ ନଦୀକୂଳ ଅଞ୍ଚଳ ପରିଦର୍ଶନ କଲେ ବିଧାୟକ

ଭଣ୍ଡାରିପୋଖରୀ,୫ା୭(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବନ୍ଦାଳ-ମଢ଼ିଆଳି ପଞ୍ଚାୟତର ଖପୁରିଆପଦାଠାରୁ ଝୁଟଣା ପଞ୍ଚାୟତର ବୈତରଣୀ ନଦୀ କୂଳ ଓ ନେରଡ଼ା ପଞ୍ଚାୟତର ସୁବର୍ଣ୍ଣମୁଖୀ ପୀଠ ପର୍ଯ୍ୟନ୍ତ ବୈତରଣୀ ନଦୀର ତଟକ୍ଷୟ ଅଞ୍ଚଳ ଶୁକ୍ରବାର ଅନୁଧ୍ୟାନ କରିଛନ୍ତି ବିଧାୟକ ସଞ୍ଜୀବ କୁମାର ମଲ୍ଲିକ। ବନ୍ଦାଳୋ-ମଢିଆଳି ପଞ୍ଚାୟତର ବନ୍ଦାଳୋ ଓ ମଢ଼ିଆଳି ଗ୍ରାମ ନଦୀକୂଳ ଖାଉଥିବା କାରଣରୁ ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ବାରମ୍ବାର ଦାବି ହୋଇ ଆସୁଥିଲା। ବିଧାୟକ ମଲ୍ଲିକ ଜଳସମ୍ପଦ ବିଭାଗର ଅଧିକାରୀମାନଙ୍କ ସହ ଆସି ନଦୀ କୂଳକ୍ଷୟ ହେଉଥିବା ସ୍ଥଳ ପରିଦର୍ଶନ କରିବା ସହ ବିଜୁ ସେତୁର ସଂଯୋଗୀକରଣ ସ୍ଥାନ ପରିଦର୍ଶନ କରିଥିଲେ। ଭଣ୍ଡାରିପୋଖରୀ ବ୍ଲକ ଅଧକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ବ୍ଲକ ବିଜୁ ଜନତା ଦଳର ସଭାପତି ତଥା ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ଓ ଉତ୍କଳ କେଶରୀ ମହାନ୍ତି, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ବିଶ୍ୱନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଧୁରୁନି ଗୋପୀନାଥପୁର ପଞ୍ଚାୟତ ସମସ୍ୟା

ବନ୍ତ,୫ା୭ (ହରି ନାରାୟଣ ମହାନ୍ତି)



ଅଚଳ ହୋଇପଡ଼ିଥିବା ପ୍ରାଣୀଧନ ସହାୟକ କେନ୍ଦ୍ର।

ଭଦ୍ରକ ଜିଲା ବନ୍ତ ବ୍ଲକ ଗୋପୀନାଥପୁର ପଞ୍ଚାୟତରେ ବିଭିନ୍ନ ସମସ୍ୟା ଥିବା ବେଳେ ତାହା କେବେ ସୁଧୁରିବ ସେନେଇ ପଞ୍ଚାୟତବାସୀ ସନ୍ଦିହାନ ଅଛନ୍ତି। ରାଜ୍ୟରେ ନୂଆ ସରକାର ଆସିବା ପରେ ଉକ୍ତ ସମସ୍ୟାଗୁଡ଼ିକର ସମାଧାନ ହେବ ବୋଲି ପଞ୍ଚାୟତବାସୀ ଆଶା ରଖିଛନ୍ତି।

ପ୍ରକାଶ ଯେ, ୧୯ ୱାର୍ଡକୁ ନେଇ ଏହି ପଞ୍ଚାୟତ ଗଠିତ। ଏହାର ଜନସଂଖ୍ୟା ୧୦ ହଜାରରୁ ଊର୍ଦ୍ଧ୍ୱ ହେବ। ଏଠାରେ ୯ ପ୍ରାଥମିକ ବିଦ୍ୟାଳୟ, ୨ ଉଚ୍ଚ ବିଦ୍ୟାଳୟ, ୧୨ ଅଙ୍ଗନୱାଡି କେନ୍ଦ୍ର, ଗୋଟିଏ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଗୋଟିଏ ପ୍ରାଣୀଧନ ସହାୟକ କେନ୍ଦ୍ର ରହିଛି। ସେହିପରି ୧୮୦ ଏସ୍ଏଚ୍‌ଜି, ୮ ଯୁବକ ସଂଘ, ୨ ସ୍ୱେଚ୍ଛାସେବୀ ସଂସ୍ଥା କାର୍ଯ୍ୟ କରୁଛି। ଏଠାରେ ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ପାଇ ନ ଥିବାରୁ ପ୍ରାଣୀଧନ ସହାୟକ କେନ୍ଦ୍ର ଅଚଳ ହୋଇପଡିଛି। ସ୍ୱାସ୍ଥ୍ୟ ଉପକେନ୍ଦ୍ରର ନୂତନ ଗୃହ ନିର୍ମାଣ ସରିଥିଲେ ମଧ କାର୍ଯ୍ୟକ୍ଷମ ହୋଇପାରିନାହିଁ । ଫଳରେ ଲୋକେ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଗୋପୀନାଥ ଜୀଉ ନୋଡାଲ ଉପ୍ରା ବିଦ୍ୟାଳୟ ଓ ବଡ଼ ସନ୍ଦାଡୋ ଉପ୍ରା ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । ମିଶନଶକ୍ତି ମହିଳାମାନଙ୍କ ପାଇଁ ସଭା ଗୃହ ନାହିଁ । ତୁଳିପଦାରୁ ମାର୍କଣ୍ଡପୁର, ସାନ ସାହୁପଡାରୁ ମାର୍କଣ୍ଡପୁର ଏବଂ ତାଜିପୁର ଆଦିବାସୀ ସାହିକୁ ସ୍ଥାୟୀ ରାସ୍ତା ନାହିଁ । ମାର୍କଣ୍ଡପୁରରୁ ବଡ଼ ସନ୍ଦାଡୋ ସ୍ଥାୟୀ ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ବର୍ଷା ଦିନେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ସେହିଭଳି କେନାଲବନ୍ଧରୁ ଗୋପୀନାଥପୁର ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟରାସ୍ତା ଏବଂ ପଣ୍ଡାଘର ପାଖ ଆର୍.ଡି ରାସ୍ତାରୁ ଗୋପୀନାଥ ଜୀଉ ମନ୍ଦିର ରାସ୍ତା ଶୋଚନୀୟ ହୋଇପଡିଛି। ପାହାଡପୁର, ବଡ଼ ସନ୍ଦାଡୋ, ସାନ ସନ୍ଦାଡୋର ଅନେକ ବସ୍ତିକୁ ସ୍ଥାୟୀ ରାସ୍ତା ନାହିଁ। ଏଠାରେ ଖେଳ ପଡ଼ିଆ ନ ଥିବାରୁ ସାଳନ୍ଦୀ ନଦୀ ପଠାରେ ପିଲାମାନେ ଖେଳୁଛନ୍ତି। ଗୋପୀନାଥ ଜୀଉ ମନ୍ଦିର, ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରର ଉନ୍ନତିକରଣର ଆବଶ୍ୟକତା ରହିଛି । ଏଠାରେ ଚିତ୍ତବିନୋଦନ କେନ୍ଦ୍ର ନାହିଁ । ଗୋଚର ଜମି ଜବର ଦଖଲ ହୋଇଥିବାରୁ ଗୋରୁଙ୍କ ପାଇଁ ଚାରଣ ଭୂମି ନାହିଁ । ବହୁ ବୃଦ୍ଧବୃଦ୍ଧା ଏବେ ମଧ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଏହି ପଞ୍ଚାୟତର ସମିତି ସଭ୍ୟ ବ୍ଲକ ଅଧକ୍ଷ ହେବା ପରେ କିଛି ରାସ୍ତା ସମସ୍ୟାର ସମାଧାନ ହୋଇଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ସିଏଫଡବ୍ଲ୍ୟୁ ଏସ୍ଡି, ଲୋକଶକ୍ତି, ଜଗତଜ୍ୟୋତିମହିଳା ମହାସଂଘ ସମେତ ପଞ୍ଚାୟତବାସୀ ଦାବି କରିଛନ୍ତି।

# ମୁଖ୍ୟମନ୍ତ୍ରୀ ସଡ଼କ ୨ ବର୍ଷରେ ଦୁଇ ଫାଳ



ବିଭୂତିପୁର ରାସ୍ତାରେ ହୋଇଥିବା ଫାଟ।

ଭଦ୍ରକ,୫ା୭ (ସନାତନ ରାଉତ)

ଭଦ୍ରକ ବ୍ଲକ୍ କଲେଇ ପଞ୍ଚାୟତ ବିଭୁତିପୁର ଗ୍ରାମରେ ନବନିର୍ମିତ ମୁଖ୍ୟମନ୍ତ୍ରୀ ସଡ଼କ ୨ ବର୍ଷରେ ଦୁଇ ଫାଳ ହୋଇଥିବା ଦେଖାଯାଇଛି। ଫଳରେ ଯାତାୟାତରେ ବିପଦ ସୃଷ୍ଟି ହୋଇଛି । ୨୦୨୨ ଡିସେମ୍ବରରେ ସମ୍ପୂର୍ଣ୍ଣ ହୋଇଥିବା ଏହି ସଡ଼କ ୧୬ ନଂ ଜାତୀୟ ରାଜପଥ ନଳାଙ୍ଗଠାରୁ ଆରମ୍ଭ ହୋଇ ବିଭୁତିପୁର ଗ୍ରାମ ଦେଇ ପୁନଶ୍ଚ ଜାତୀୟ ରାଜପଥ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ବିଷ୍ଣୁପୁର ପଞ୍ଚାୟତ ଚିଙ୍ଗୁଡ଼ିପୁରକୁ ସଂଯୋଗ କରିଛି। ଏବେ ସେହି ରାସ୍ତା ମଝିରୁ ଦୁଇଫାଳ ହୋଇଯାଇଥିବାରୁ ଦୁର୍ଘଟଣାର ସମ୍ଭାବନା ସହିତ ଯାତାୟାତରେ ବହୁ ଅସୁବିଧା ସୃଷ୍ଟି ହେଉଛି। ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ସାଙ୍ଗକୁ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁ ଏପରି ଅବସ୍ଥା ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଭଦ୍ରକର ପୂର୍ବତନ ବିଧାୟକ ଯୁଗଳ କିଶୋର ପଟ୍ଟନାୟକଙ୍କ ସମୟରେ ଏହି ମୁଖ୍ୟମନ୍ତ୍ରୀ ସଡ଼କ ପାଇଁ ସରକାରୀ ସ୍ୱୀକୃତି ମିଳିଥିଲା। ପୂର୍ବତନ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ସମୟରେ ଏହା ସମ୍ପୂର୍ଣ୍ଣ ହୋଇଥିଲା। ରାସ୍ତାର ତୁରନ୍ତ ମରାମତି ପାଇଁ ବିଭୁତିପୁର, ଚିଙ୍ଗୁଡ଼ିପୁର ଉଭୟ ଗ୍ରାମର ଗ୍ରାମବାସୀ ଦାବି କରିଛନ୍ତି।

## ନୂତନ ବିଚାରପତିଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ନୂତନ ବିଚାରପତି ଓ ଅନ୍ୟମାନେ।

ଧାମନଗର, ୫ା୭ (ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର କୋର୍ଟର ନବ ନିଯୁକ୍ତ ବିଚାରପତି ଚିନ୍ମୟ ଦାସଙ୍କୁ ଶୁକ୍ରବାର ଧାମନଗର ଓକିଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଓକିଲ ସଂଘ ଗୃହରେ ସଂଘ ପକ୍ଷରୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓକିଲ ସଂଘ ଓ ବିଚାର ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରି ସାଧାରଣ ଜନତା କିପରି ତ୍ୱରିତ ନ୍ୟାୟ ପାଇପାରିବେ ସେଥିପ୍ରତି ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ସ୍ୱାଗତ ଉତ୍ସବରେ ଓକିଲ ସଂଘର ସଭାପତି ଅଶୋକ ଦାସ, ସାଧାରଣ ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ଉପସଭାପତି ବିଜୟ ରାମ, ସହ ସମ୍ପାଦକ ସୁବ୍ରତ ନନ୍ଦ, କୋଷାଧ୍ୟକ୍ଷ ପର୍ଶୁରାମ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ଦେବକୀ ନନ୍ଦନ ମହାପାତ୍ର ଓ ସୌମ୍ୟ ରଞ୍ଜନ ସାହୁଙ୍କ ସମେତ ସଂଘର ସମସ୍ତ ଓକିଲମାନେ ଉପସ୍ଥିତ ଥିଲେ।

# ଯୁବ, ଛାତ୍ର କଂଗ୍ରେସର ଗଣଧାରଣା

ଭଦ୍ରକ,୫ା୭ (ସନାତନ ରାଉତ)



ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗତ ଜୁଲାଇ ୨ତାରିଖରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ରାହୁଲ୍ ଗାନ୍ଧୀଙ୍କ ଉପରେ ଭାଜପା ଯୁବ ମୋର୍ଚ୍ଚାର ଅଶାଳୀନ ମନ୍ତବ୍ୟ ଓ ଅଗଣତାନ୍ତ୍ରିକ କାର୍ଯ୍ୟକଳାପକୁ ବିରୋଧ କରି ଭଦ୍ରକ ଜିଲା ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସହରର ଶନିମନ୍ଦିର ଛକ ନିକଟସ୍ଥ ଜିଲା କଂଗ୍ରେସ କାର୍ଯ୍ୟାଳୟ ନିକଟରୁ ଛାତ୍ର ଓ ଯୁବକର୍ମୀମାନେ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରା ବାଜି କରି ଏସ୍‌ପି ଅଫିସ ନିକଟରେ ପହଞ୍ଚିଥିଲେ। ଦଳ ପକ୍ଷରୁ ଏସ୍‌ପିଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଜିଲା ଯୁବ କଂଗ୍ରେସ କମିଟିର ସଭାପତି ବଳରାମ ରାଉତଙ୍କ ନେତୃତ୍ୱରେ କମିଟିର କାର୍ଯ୍ୟକାରୀ ସଭାପତି ସୁବ୍ରତ ବେହୁରିଆ, ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଇଲ୍ଲିୟାସ ଅଲ୍ଲୀ ଖାନ୍, ଧାମନଗର ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ସ୍ୱାଇଁ, ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସିଦ୍ଧାର୍ଥ ଦାସ, ଯୁବ କଂଗ୍ରେସ ଟାଉନ ସଭାପତି ସୁଶାନ୍ତ ମହାକୁଡ଼, ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଶକ୍ତି ପ୍ରତାପ ବିଶ୍ୱାଳ, ଉପସଭାପତି ପ୍ରଫୁଲ୍ଲ ପୃଷ୍ଟି, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସାଦ ସିଦ୍ଦିକ୍, ସୁଧାଂଶୁ ନାୟକ, ସୁଶାନ୍ତ ଦାସ, ଛାତ୍ର କଂଗ୍ରେସ ଜିଲା ସଭାପତି ଶେଖ୍ ସାହିଲ୍ କାଦ୍ରୀ ପ୍ରମୁଖ ସାମିଲ ଥିଲେ। ଭଦ୍ରକ ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି , ପୀତବାସ ଧଳ, ରଞ୍ଜନ ଜେନା, କଳ୍ପତରୁ ପରିଡ଼ା, ରମେଶ ଚନ୍ଦ୍ର ବେହେରା, ବିଦ୍ୟାଧର ଜେନା ନାରାୟଣ ଚନ୍ଦ୍ର ପାଢ଼ୀ, ବିଶ୍ୱଜିତ୍ ସ୍ୱାଇଁ, ଅରବିନ୍ଦ ନାୟକ, ସଞ୍ଜୟ ମିଶ୍ର, କାଉନସିଲର ଫରିୟାଦ ଖାନ, ହେମନ୍ତ ସାହୁ, ମହିଳା ନେତ୍ରୀ ସ୍ୱପ୍ନିକା ପଣ୍ଡା, ପୂର୍ବତନ ସରପଞ୍ଚ ଅଶ୍ୱିନୀ ପାଢ଼ୀ ପ୍ରମୁଖ ସାମିଲ ହୋଇ ଭାଜପା ଯୁବମୋର୍ଚ୍ଚା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

## ସ୍ୱାଧୀନ ଜିଲା ପ୍ରମୁଖ, ପାର୍ବତୀ ସଂଯୋଜିକା

### ଏବିଭିପି ଭଦ୍ରକ ଜିଲା ସମିତି ଘୋଷଣା



ସ୍ୱାଧୀନ ସୁନ୍ଦର ଦାସ।



ପାର୍ବତୀ ମିଶ୍ର।

ଭଦ୍ରକ, ୫ା୭ (ସନାତନ ରାଉତ)/ (ରବିନାରାୟଣ ଖିଲାର)

ଢେଙ୍କାନାଳରେ ଅନୁଷ୍ଠିତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡ଼ିଶା ପ୍ରଦେଶର ପ୍ରାନ୍ତ ଅଭ୍ୟାସ ବର୍ଗ- ୨ରେ ଶିକ୍ଷାବର୍ଷ ୨୦୨୪-୨୫ ପାଇଁ ଏବିଭିପି ଭଦ୍ରକ ଜିଲା ସମିତି ଘୋଷଣା କରାଯାଇଛି। ରାଜ୍ୟ ସଭାପତି ଅଧ୍ୟାପିକା ଗାର୍ଗୀ ବାନାର୍ଜୀଙ୍କ ଅନୁମୋଦନ କ୍ରମେ ଭଦ୍ରକ ଜିଲା ପ୍ରମୁଖ ଭାବେ ସୁସଙ୍ଗଠକ ସ୍ୱାଧୀନ ସୁନ୍ଦର ଦାସ, ଜିଲା ସହ ପ୍ରମୁଖ ଶିକ୍ଷାବିତ ପୁରୁଷୋତ୍ତମ ବେହେରା, ଅଧ୍ୟାପକ କିଶୋର କୁମାର ପୃଷ୍ଟି, ଜିଲା ସଂଯୋଜିକା ଭାବେ ଭଦ୍ରକ କଲେଜର ଛାତ୍ରୀ ପାର୍ବତୀ ମିଶ୍ର, ସହ ସଂଯୋଜକ ଛାତ୍ରନେତା ଶ୍ରୀତମ ସାମଲ, ଆକାଶ ପଣ୍ଡାଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଭଦ୍ରକ ଜିଲାରୁ ବିଭାଗ ପ୍ରମୁଖ ଭାବେ ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ସହ ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ଛାତ୍ରୀ ପ୍ରମୁଖ ଶୁଭଲକ୍ଷ୍ମୀ ପୃଷ୍ଟି, ରାଷ୍ଟ୍ରୀୟ କଳାମଞ୍ଚ ସଂଯୋଜିକା ପ୍ରିୟଙ୍କା ଦାଶ, ଏସ୍ଏଫ୍‌ଡି ସଂଯୋଜକ ବିଶ୍ୱନାଥ ଲାହା ସାଙ୍ଗଠନିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ନୂତନ ସମିତି ଘୋଷଣା ପରେ ବିଦ୍ୟାର୍ଥୀ ପରିଷଦ ଭଦ୍ରକ ଜିଲାରେ କାର୍ଯ୍ୟକର୍ତ୍ତାଙ୍କ ମହଲରେ ଆନନ୍ଦ ଓ ଉତ୍ସାହ ବୃଦ୍ଧି ପାଇଛି। ନୂତନ ମନୋନୀତ ଜିଲା ପ୍ରମୁଖ ଦାସ ଏବଂ ଜିଲା ସଂଯୋଜିକା ମିଶ୍ର ରାଜ୍ୟ ସଭାପତି ବାନାର୍ଜୀ, ରାଜ୍ୟ ସଙ୍ଗଠନ ସମ୍ପାଦକ ତ୍ରୈଲୋଚନ ସାହୁ ଏବଂ ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ପରବର୍ତ୍ତୀ ସମୟରେ ଜିଲା ଅଭ୍ୟାସ ବର୍ଗରେ ଜିଲା କ୍ଷେତ୍ରରେ ପାରଦର୍ଶୀ ଛାତ୍ରନେତାଙ୍କୁ ଜିଲା ସମିତିରେ ନିଆଯିବ ବୋଲି ଜିଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ପ୍ରକାଶ କରିବା ସହ ଆଗାମୀ ଦିନରେ ବିଦ୍ୟାର୍ଥୀ ପରିଷଦକୁ ଜିଲାରେ ଆହୁରି ଶକ୍ତିଶାଳୀ କରାଯିବ ଏବଂ ଛାତ୍ରୀଛାତ୍ରଙ୍କ ଅଧିକାରୀ ପାଇଁ ଲଢ଼େଇ କରାଯିବ ବୋଲି ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଜିଲାରେ ୧୫ ହଜାର ଛାତ୍ରୀଛାତ୍ରଙ୍କୁ ସଦସ୍ୟ କରାଯିବା ସହ ଛାତ୍ର ସଂସଦ ନିର୍ବାଚନରେ ଏବିଭିପିର ଶତ ପ୍ରତିଶତ ସଫଳତା ଉପରେ ନଜର ଦିଆଯିବ ବୋଲି କହିଛନ୍ତି।

## ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଚାରାରୋପଣ

ଧାମନଗର,୫ା୭ (ଦେବେନ୍ଦ୍ର ଆଦ୍ଦିଆ)

ଭଦ୍ରକ ଜିଲା ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ୍ ଖଡ଼ିପଦା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ କାବତେଶ୍ୱରାୟ ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ଚାରାରୋପଣ କର୍ଯ୍ୟକ୍ରମରେ ପରିଷଦର କର୍ମକର୍ତ୍ତା ଡ଼ା, କବିନ୍ଦ୍ର ସୁତାର, ଶିକ୍ଷାବିତ୍ ଦାମଦର ନନ୍ଦ, ହୃଦାନନ୍ଦ କର, ସିଦ୍ଧେଶ୍ୱର ସାମଲ ପ୍ରମୁଖ ଯୋଗଦେଇ ଜଳବାୟୁର ପରିବର୍ତ୍ତନ ଦୃତଗତିରେ ଘଟି ଚାଲିଛି। ଯାହା ଫଳରେ ଆଜିର ସମାଜ ଓ ଜୀବଜଗତ ପାଇଁ ଆଗକୁ ବିପଦ ମାଡି ଆସୁଛି। ସରକାର ଆବଶ୍ୟକ ଚାରାରୋପଣ ପାଇଁ ଆହ୍ୱାନ ଦେଇଛନ୍ତି। ପରିଷଦର ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରି ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଯୁବକମାନଙ୍କ ସହଯୋଗରେ ଚାରାରୋପଣ ପାଇଁ ସଚେତନ କରାଯିବା ସହ ଚାରା ବଣ୍ଟନ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ଆଦ୍ଦିଆ, ଜ୍ଞାନେନ୍ଦ୍ର ସାହୁ, ରାଜେଶ ନନ୍ଦ, ମୁନା ଜେନା, ଅଶୋକ ବେହେରା, ନିରାକାର ଓଝା, ମଙ୍ଗୁଳି ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରଶାନ୍ତ ସାହୁ, ଦେବାଶିଷ ରଥ, ବିବେକାନନ୍ଦ ସାମଲ ଓ ଅରୂପ ନନ୍ଦ ପରିଚାଳନା କରିଥିଲେ।



# ପୌରପାଳିକାର ସାଧାରଣ ପରିଷଦ ବୈଠକ



ବୈଠକରେ ଉପସ୍ଥିତ ବିଧାୟକ ଅଶୋକ କୁମାର ଦାସ ଓ ଅଧିକାରୀମାନେ।

ବାସୁଦେବପୁର,୫ା୭ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ସାଧାରଣ ପରିଷଦ ବୈଠକ ଶୁକ୍ରବାର ପୌରପାଳିକା କନ୍‌ଫରେନ୍ସ ହଲ ପରିସରରେ ଅନୁଷ୍ଠିତ ହୋଇଛି। ଗତ ସାଧାରଣ ନିର୍ବାଚନ ପରେ ଏହା ପୌରପାଳିକାର ପ୍ରଥମ ସାଧାରଣ ପରିଷଦ ବୈଠକ ହୋଇଥିବା ବେଳେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସଙ୍କୁ ପ୍ରଥମେ ପୌରପାଳିକା କାର୍ଯ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ପୌରପାଳିକା ପକ୍ଷରୁ ପ୍ରଦାନ କରାଯାଇଥିଲା। ପୌରାଧ୍ୟକ୍ଷା ନିବେଦିତା ବେହେରାଙ୍କ ସଭାପତିତ୍ୱରେ ବୈଠକରେ ବିଭିନ୍ନ ୱାର୍ଡ଼ରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ, ନୂତନ ପ୍ରକଳ୍ପ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ପୌରପାଳିକା ପକ୍ଷରୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବାସୁଦେବପୁର ପୌରପାଳିକାକୁ ସରସ ସୁନ୍ଦର ଭାବେ ଗଢ଼ି ତୋଳିବା ତଥା ଉନ୍ନୟମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଧାୟକଭାବେ ତାଙ୍କର ସମସ୍ତ ସହଯୋଗ ରହିବ ବୋଲି ବିଧାୟକ ଦାସ ମତ ରଖିଥିଲେ। ବୈଠକରେ ଭାଇସ୍ ଚେୟାରମେନ ଉତ୍ତମ ବାରିକ୍, ମେଡିକାଲ ଅଫିସର ଡା. ସୁଶାନ୍ତ ସାମନ୍ତ, ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ପ୍ରମୁଖ ମଞ୍ଚାସିନ ରହି ବକ୍ତବ୍ୟ ରଖିଥିଲେ। ପୌରପାଳିକାର ବିଭିନ୍ନ ୱାର୍ଡ଼ର କାଉନ୍‌ସିଲରମାନେ ଯୋଗଦାନ କରିଥିଲେ। ବର୍ତ୍ତମାନ ବର୍ଷାଦିନ ହୋଇଥିବା ବେଳେ ବିଭିନ୍ନ ୱାର୍ଡ଼ର ମୌଳିକ ସୁବିଧା ଉପରେ ଗୁରୁତ୍ୱ ଦେବାକୁ ବିଧାୟକ ପୌରାଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

# କେନାଲ ସମସ୍ୟା ନେଇ ଦାବିପତ୍ର

### ଜମି ପତନଠାରୁ ୨ ଫୁଟ ଉଚ୍ଚ କରିବାକୁ ଦାବି

ଭଦ୍ରକ,୫ା୭(ରବିନାରାୟଣ ଖିଲାର)



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭଦ୍ରକ ବ୍ଲକ କଲେଇ ପଞ୍ଚାୟତ ଉତ୍କଳମଣୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୫ନଂ. ଶାଖା କେନାଲକୁ ଜମି ପତନଠାରୁ ୨ ଫୁଟ ଉଚ୍ଚ କରି ପୁନରୁଦ୍ଧାର ନେଇ ଜିଲାପାଳଙ୍କ ଜରିଆରେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି।

ପ୍ରକାଶ ଯେ, ଭଦ୍ରକ ଜିଲା ଆଖୁଆପାଠାରୁ ଭଦ୍ରକ ଚାରିଘରିଆ ପର୍ଯ୍ୟନ୍ତ ବ୍ରିଟିଶ ସରକାରଙ୍କ ଅମଳରୁ ହାଇଲେଭଲ୍ କେନାଲ ଖୋଲାଯାଇ ଡିଷ୍ଟ୍ରିବ୍ୟୁଟାରୀ ମାଧ୍ୟମରେ ଭଣ୍ଡାରୀପୋଖରୀ, ଧାମନଗର ଓ ଭଦ୍ରକ ବ୍ଲକ ଚାଷୀମାନଙ୍କୁ ଖରିଫ ଋତୁରେ ପାଣି ଯୋଗାଇ ଦିଆଯାଉଛି। ସେ ସମୟରେ ଯେଉଁ ସବୁ ଶାଖା କେନାଲ କରାଯାଇଥିଲା ତାହା ଜମିର ପତନଠାରୁ ତଳେ ଥିବାରୁ ଜମିକୁ ପାଣି ସହଜରେ ମାଡେ ନାହିଁ। ଫଳରେ କେନାଲର ଉପର ମୁଣ୍ଡରୁ ଚାଷୀମାନେ ସ୍ଥାନେସ୍ଥାନେ ଆଡ଼ି ବନ୍ଧ ବାନ୍ଧି ଜମିକୁ ପାଣି ନେଇଥାନ୍ତି। ବିଶେଷ କରି ୫ନଂ. ଶାଖା କେନାଲ ଜମି ପତନଠାରୁ ବହୁ ତଳେ ଥିବାରୁ ଚାଷୀମାନେ ସବୁଠାରୁ ବେଶି ଅସୁବିଧାରେ ପଡୁଛନ୍ତି। ଯାହାକି ଖରିଫ ଚାଷ ସମୟରେ ଠାଏ ଠାଏ ମରୁଡି ପରିସ୍ଥିତି ସୃଷ୍ଟି ହୁଏ। ଏହି ଶାଖା କେନାଲ ଉପରେ ୬ଟି ପଞ୍ଚାୟତର ଚାଷୀ ନିର୍ଭର କରନ୍ତି। ଉକ୍ତ ୫ନଂ. ଶାଖା କେନାଲକୁ ଜମି ପତନଠାରୁ ୨ ଫୁଟ ଉଚ୍ଚ କରି ପୁନରୁଦ୍ଧାର କରାଯିବା ସଙ୍ଗେ ସଙ୍ଗେ ଆଖୁଆପଦାଠାରେ ଆନିକଟ କରାଯାଇ ଖରିଫ ଓ ରବି ଋତୁ ପାଇଁ ଜଳ ଯୋଗାଣ କରାଗଲେ ବହୁ ଚାଷୀ ଉପକୃତ ହେବେ ବୋଲି ଉତ୍କଳମଣୀ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଜଗନ୍ନାଥ ରାୟ କହିଛନ୍ତି।

# ୧୦ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ

### ତିହିଡ଼ି ବ୍ଲକ୍

ତିହିଡ଼ି,୫ା୭(ସଞ୍ଜିତ ବଳ)

ସରକାରଙ୍କ ପକ୍ଷରୁ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବାକୁ ଉଦ୍ୟମ କରାଯାଇଛି। ବିଶେଷ କରି ପ୍ରାଥମିକ ସ୍ତରରେ ଶିକ୍ଷାଦାନ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଛି। ଯାହାଦ୍ୱାରା ପିଲାମାନଙ୍କ ଭବିଷ୍ୟତ ଠିକ୍ ରୂପେ ଗଢ଼ାଯାଇ ପାରିବ। ମାତ୍ର ତିହିଡ଼ି ବ୍ଲକ୍‌ରେ ବିଭିନ୍ନ ସ୍କୁଲରେ ୨ଶହ ଶିକ୍ଷକ ପଦବୀ ଖାଲି ପଡ଼ିଥିଲେ ମଧ ଏହାକୁ ପୂରଣ କରାଯିବା ଦିଗରେ ପଦକ୍ଷେପ ନିଆଯାଇନାହିଁ। ଏପରିକି ୧୦ଟି ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ଶିକ୍ଷାଦାନ କରିବା ଶିକ୍ଷା ବ୍ୟବସ୍ଥା ପ୍ରତି ଉପହାସ ସଦୃଶ ହୋଇଛି। ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ତିହିଡ଼ି ବ୍ଲକ୍‌ରେ ମୋଟ ୨୦୧ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ, ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ ରହିଛି। ନୂଆଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲରେ ୭ଟି ଶ୍ରେଣୀରେ ୧୬୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ସେହିପରି ପିରହାଟ ଉର୍ଦ୍ଦୁ ପ୍ରାଥମିକ ସ୍କୁଲରେ ୫ଟି ଶ୍ରେଣୀରେ ୯୧ଜଣ ଛାତ୍ରୀଛାତ୍ର, ଚକରାସାହି ପ୍ରାଥମିକ ସ୍କୁଲରେ ୫ଟି ଶ୍ରେଣୀରେ ୬୫ ଛାତ୍ରୀଛାତ୍ର, ଓରଡ଼ା ପ୍ରାଥମିକ ସ୍କୁଲରେ ୫ଟି ଶ୍ରେଣୀରେ ୭୩ ଛାତ୍ରୀଛାତ୍ର, ଗାଜିପୁରରେ ୪୧ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଜଣେ ଲେଖାଏ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏହାଛଡ଼ା ଦୋଳସାହି, କୁଆଁରଚତର ପ୍ରାଥମିକ ସ୍କୁଲ, ବାଗସାହିପାଳ, କବିରପୁର ପ୍ରାଥମିକ ବିଦ୍ୟାଳୟ, ଡିଆଁବାସୁରିଆ ପ୍ରକଳ୍ପ ପ୍ରାଥମିକ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ଥିବା ଜଣାପଡ଼ିଛି। ଯେଉଁଦିନ ଅସୁସ୍ଥତା କିମ୍ବା ଅନ୍ୟ କୌଣସି କାର୍ଯ୍ୟ ପାଇଁ ଶିକ୍ଷକ ସ୍କୁଲ ଯାଉନାହାନ୍ତି, ସେଦିନ ପିଲାମାନେ ସ୍କୁଲକୁ ଆସି ନିରାଶ ହୋଇ ଫେରୁଛନ୍ତି। ଏହାଛଡ଼ା ଜଣେ ଶିକ୍ଷକ ୫ଟି ଶ୍ରେଣୀର ପିଲାଙ୍କୁ କେମିତି ସମ୍ଭାଳୁ ଥିବେ ତାହା ସହଜରେ ଅନୁମେୟ। ତେବେ ସରକାର ବଦଳିବା ପରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ କରିବେ ବୋଲି କହିବା ପରେ ଅଭିଭାବକ ମାନଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଦାମୋଦର ଜେନା କୁହନ୍ତି, ବିଭିନ୍ନ ସମୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଶିକ୍ଷକ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ।

## ମଦ ଜବତ, ୪ ଗିରଫ

ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ)-ରଥଯାତ୍ରା ଉପଲକ୍ଷେ ଅବକାରୀ ବିଭାଗର ଚଢ଼ାଉ ଆରମ୍ଭ ହୋଇଛି। ଚଢ଼ାଉରେ ୪ଜଣ ମଦ ବେପାରୀ ଗିରଫ ହୋଇଥିବା ବେଳେ ସେମାନଙ୍କ ନିକଟରୁ ୧୮୭ଲିଟର ଦେଶୀମଦ ଜବତ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ନୀଳଗିରି ଚିମିନିଭାଟି ଅଞ୍ଚଳର ନାଥ ହେମ୍ବ୍ରମ୍, ମୀନତି ବୈଠା, ସାନଅତା ଗ୍ରାମର ନରେନ୍ଦ୍ର ଧାଉଁଡିଆ ଓ ଧୋବଶିଳା ରାଧାବଲ୍ଲଭପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସିଂ।



## ଟ୍ରେନ ଯାତ୍ରୀଙ୍କଠାରୁ ଚୋରି: ୨ ମହିଳା ଅଟକ

ସୋର, ୫।୭(ଜନ୍ମେଜୟ ମିଶ୍ର)-ଟ୍ରେନରୁ ଚୋରି କରୁଥିବା ବେଳେ ୨ ଜଣ ମହିଳାଙ୍କୁ ଧରି ଲୋକେ ଆରପିଏଫଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁସାରେ ଶୁକ୍ରବାର ସକାଳେ ବାଲେଶ୍ୱର ଫକୀରମୋହନ ଗୋଲେଇ ଅଞ୍ଚଳର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ଆଖି ଅପରେଶନ ପାଇଁ ବାଙ୍ଗିରିପୋଷି ଟ୍ରେନରେ ବାଲେଶ୍ୱରରୁ କଟକ ଅଭିମୁଖେ ଯାଉଥିଲେ। ଏହି ସମୟରେ ଟ୍ରେନ୍‌ଟି ବାଲେଶ୍ୱର ଷ୍ଟେଶନ ଛାଡ଼ିବା ପରେ ଦୁଇଜଣ ମହିଳା ତାଙ୍କ ନିକଟରେ ଠିଆ ହେବା ସହିତ ତାଙ୍କ ପର୍ସ ଚୋରି କରିଥିଲେ। ଏହା ଜାଣିପାରି ମହିଳାଜଣଙ୍କ ଅନ୍ୟଯାତ୍ରୀଙ୍କ ସହଯୋଗରେ ଉକ୍ତ ମହିଳାଙ୍କୁ ଧରିଥିଲେ। ସୋର ଷ୍ଟେଶନରେ ଟ୍ରେନ ପହଞ୍ଚିବା ପରେ ଉକ୍ତ ମହିଳା ଦ୍ୱୟଙ୍କୁ ଆରପିଏଫଙ୍କୁ ହସ୍ତାନ୍ତର କରିବା ସହିତ ଏକ ଅଭିଯୋଗ କରିଥିଲେ। ରେଲୱେ ପୋଲିସ ମହିଳାଦ୍ୱୟଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଖୋଲୁନି ବାଲିଆପାଳ ଶକ୍ତି କାଫେ

ବାଲିଆପାଳ, ୫।୭(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପରିସରରେ ଥିବା ଶକ୍ତି କାଫେ ଆଉ ଖୋଲା ହେଉନାହିଁ। ବହୁଦିନ ହେଲା ପରିତ୍ୟକ୍ତ ଅବସ୍ଥାରେ ବନ୍ଦ ରହିଛି। ନିର୍ବାଚନ ପୂର୍ବରୁ ରାଜ୍ୟ ତମାମ ମିଶନ ଶକ୍ତି ପକ୍ଷରୁ ମହିଳାମାନଙ୍କର ଆର୍ଥିକ ସ୍ଥିତିକୁ ମଜବୁତ କରିବା ସହିତ ସେମାନଙ୍କୁ ସଶକ୍ତ କରିବା ପାଇଁ ପ୍ରତି ବ୍ଲକ ପରି ବାଲିଆପାଳ ବ୍ଲକ ପରିସରରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ପରିଚାଳନାରେ ଶକ୍ତି କାଫେ ଖୋଲାଯାଇଥିଲା। ଏଠାରେ ସୁଲଭ ମୂଲ୍ୟରେ ଘରୋଇ ପ୍ରସ୍ତୁତ ଖାଦ୍ୟ, ସକାଳ ଚା' ଜଳଖିଆ ସହିତ ମଧ୍ୟାହ୍ନଭୋଜନ ଓ ରାତ୍ରି ଭୋଜନ ଯୋଗାଇବାର ବ୍ୟବସ୍ଥା କରଯାଇଥିଲା। ତାହା ମଧ୍ୟ ମା'ମାନଙ୍କ ପରିଚାଳନାରେ କିଛି ଦିନ ଠିକ ଠାକ୍ ଚାଲିଥିଲା। ମାତ୍ର ନିର୍ବାଚନ ପରେ ଆଉ ଏହି ଶକ୍ତି କାଫେ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି। ମିଶନ ଶକ୍ତି ପକ୍ଷରୁ ଯେଉଁମାନଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା ସେମାନେ ନିମ୍ନମାନର ଖାଦ୍ୟ ଦେବା ଫଳରେ ଉଦ୍‌ଘାଟନର କିଛିଦିନ ଚାଲିବା ପରେ ଆଉ ଏହି କାଫେକୁ କେହି ଖାଦ୍ୟ ଖାଇବା ପାଇଁ ଆସିଲେ ନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଫଳରେ କିଛି ଦିନ କ୍ଷତିରେ ଚାଲିବା ପରେ ନିର୍ବାଚନ ପରଠାରୁ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଯେଉଁଠାରେ ଶକ୍ତି କାଫେ ଖୋଲାଯାଇଛି ସେହି ଘର ପୂର୍ବରୁ ଦୂରଦର୍ଶନ ପ୍ରସାର ଭାରତୀର ଅପରିତ୍ୟକ୍ତ କାର୍ଯ୍ୟାଳୟ ଥିଲା। ୫ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ଶକ୍ତି କାଫେ ଖୋଲାଯାଇଥିଲା। ମାତ୍ର ଯେଉଁ ଉଦ୍ଦେଶ୍ୟରେ କାଫେ ଖୋଲାଯାଇଥିଲା ତାହା ପୂରଣ ନ ହୋଇ ବନ୍ଦ ହୋଇପଡ଼ିଛି।

ଏ ବିଷୟରେ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ କାଫେ ଚଳାଇବାକୁ ଭଲ ମହିଳା ଗ୍ରୁପ୍ ମିଳିଲେ ତାଙ୍କୁ ଦାୟିତ୍ୱ ଦିଆଯିବ। ମିଶନ ଶକ୍ତିର ଦାୟିତ୍ୱହୀନତା ପାଇଁ ଶକ୍ତି କାଫେ ଠିକ ଭାବରେ ଏଠାରେ ଚାଲି ପାରୁ ନାହିଁ। ବର୍ତ୍ତମାନ ସରକାର ଏହି କାଫେକୁ ନୂତନ ଧରଣର ଯୋଜନା କରି ଚଳାଇବେ ନା ସବୁଦିନ ପାଇଁ ବନ୍ଦ କରିବେ ଏନେଇ ବାଲିଆପାଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ବାଲିଆପାଳ ଶକ୍ତି କାଫେ।

## ନବଯୌବନ, ନେତ୍ର ଉତ୍ସବ, ଘୋଷଯାତ୍ରା ପାଇଁ ଇମାମୀନଗର ଚଳଚଞ୍ଚଳ



ବାଲେଶ୍ୱର, ୫।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ଇମାମୀନଗର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଦୁର୍ଲଭ ନବଯୌବନ, ନେତ୍ରଉତ୍ସବ, ଉଭାଯାତ୍ରା ଓ ଘୋଷଯାତ୍ରା ନିମନ୍ତେ ଚଳଚଞ୍ଚଳ ହୋଇଉଠିଛି ଇମାମୀନଗର। ଶ୍ରୀକ୍ଷେତ୍ରର ମହାପ୍ରଭୁଙ୍କର ରୀତିନୀତି ମୁତାବକ ଜୁଲାଇ ୭ ତାରିଖ ରବିବାର ସକାଳ ୯ଟାରେ ଶ୍ରୀଜୀଉମାନଙ୍କର ନବଯୌବନ, ନେତ୍ର ଉତ୍ସବ ଓ ଉଭାଯାତ୍ରାରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ସେହିଦିନ ୯ଟା ୧୦ମିନିଟ୍‌ରେ ଆରତି ଅବକାଶ, ୧୦ଟାରେ ମଙ୍ଗଳାର୍ପଣ, ୧୦ଟା ୧୫ରେ ଆଜ୍ଞାମାଳ, ୧୧ଟା ୩୦ରେ ଧାଡ଼ି ପହଣ୍ଡି, ଅପରାହ୍ନ ୩ଟାରେ ଛେରା ପହଁରା, ଅପରାହ୍ନ ୪ଟାରେ ରଥଟଣା ଅନୁଷ୍ଠିତ ହେବ। ରାତ୍ର ୮ଟା ୪୫ମିନିଟ୍‌ରେ ଶୟନ ଆରତି ପରେ ଆଲୋକମାଳା ଓ ଭକ୍ତିମୟ ପରିବେଶରେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିବେ ଶ୍ରୀଜୀଉ। ଜୁନ୍ ୮ରୁ ୧୪ ପର୍ଯ୍ୟନ୍ତ ପ୍ରତ୍ୟହ ଅପରାହ୍ନ ୪ଟା୩୦ରୁ ୮ଟା ୩୦ ମଧ୍ୟରେ ଇମାମୀନଗର ଗୁଣ୍ଡିଚା ମନ୍ଦିରସ୍ଥିତ ମେଳା ପଡ଼ିଆରେ ସୁଦୂର ବୃନ୍ଦାବନରୁ ଆସୁଥିବା ଆଧ୍ୟାତ୍ମିକ ସଂସ୍ଥାନର କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ଚରିତ ରାସଲୀଳା ଅନୁଷ୍ଠିତ ହେବା ସାଙ୍ଗକୁ ପ୍ରତ୍ୟହ ପୂର୍ବାହ୍ନ ୧୦ଟା ୩୦ମିନିଟ୍‌ଠାରୁ ଅପରାହ୍ନ ପର୍ଯ୍ୟନ୍ତ ଇମାମୀ କଲୋନୀର ଲେଡ଼ିଜ୍ କ୍ଲବ୍ ପକ୍ଷରୁ ମହିଳାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରଙ୍କ ଦ୍ୱାରା ସଂକୀର୍ତ୍ତନ, କୁନି କୁନି ପିଲାଙ୍କ ଦ୍ୱାରା ଚିତ୍ରାଙ୍କନ କାର୍ଯ୍ୟକ୍ରମ, ଦାଣ୍ଡିଆ ନୃତ୍ୟ, ରଙ୍ଗୋଲି, ଦୀପ ପ୍ରଜ୍ଜ୍ୱଳନ ସହିତ ହେରାପଞ୍ଚମୀରେ ମହାଲକ୍ଷ୍ମୀଙ୍କ ଦ୍ୱାରା ରଥଭଙ୍ଗା କାର୍ଯ୍ୟକ୍ରମ ଭଳି ବହୁ ଚିତ୍ତାକର୍ଷକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଗୁଣ୍ଡିଚା ମନ୍ଦିର ମେଳା ପଡ଼ିଆରେ ଅନୁଷ୍ଠିତ ହେବ। ଜୁଲାଇ ୧୫ତାରିଖ ସୋମବାର ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉମାନଙ୍କର ସମସ୍ତ ରୀତିନୀତି ସମ୍ପନ୍ନ ସାଙ୍ଗକୁ ଅପରାହ୍ନରେ ଶ୍ରୀଜୀଉଙ୍କର ଧାଡ଼ି ପହଣ୍ଡି, ଛେରାପହଁରା, ବାହୁଡ଼ାଯାତ୍ରା ଓ ରଥଟଣା ଅନୁଷ୍ଠିତ ହେବ। ରାତି ୮ଟାରେ ରଥମାନଙ୍କର ସିଂହଦ୍ୱାର ବିଜେ ଏବଂ ଅଧରପଣା ନୀତି ସମ୍ପନ୍ନ ହେବ। ରାତ୍ର ୯ଟାରେ ଧାଡ଼ି ପହଣ୍ଡିରେ ଶ୍ରୀଜୀଉମାନଙ୍କର ରତ୍ନସିଂହାସନକୁ ବିଜେ କରିବେ। ସେହିପରି ଜୁଲାଇ ୧୬ ମଙ୍ଗଳବାର ସମସ୍ତ ରୀତିନୀତି ସମ୍ପନ୍ନ ପରେ ସକାଳ ୮ଟା ୩୦ରୁ ସୁନାବେଶରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେବେ। ଉପରୋକ୍ତ ରଥଯାତ୍ରା ଉତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତମାନଙ୍କର ସମାଗମକୁ ଲକ୍ଷ୍ୟ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟସେବା, ପ୍ରତ୍ୟହ ଭକ୍ତମାନଙ୍କ ନିମନ୍ତେ ପ୍ରସାଦସେବନ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ସିସି କ୍ୟାମେରା କରାଯିବା ସାଙ୍ଗକୁ ସ୍ଥାନୀୟ ରେମୁଣା ପୋଲିସ୍ ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା ଆଦି ସମସ୍ତ ବ୍ୟବସ୍ଥା ପାଇଁ ପ୍ରସ୍ତୁତି ସରିଥିବା ବେଳେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତା ତଥା ଇମାମୀ ଗ୍ରୁପ୍‌ର ଯୁଗ୍ମ ନିର୍ଦ୍ଦେଶକ ରାଧେଶ୍ୟାମ ଅଗ୍ରୱାଲ୍ ଓ ରାଧେଶ୍ୟାମ ଗୋୟେଙ୍କାଙ୍କ ନିର୍ଦ୍ଦେଶରେ ମନ୍ଦିର ପ୍ରଶାସନର ମୁଖ୍ୟ ପୁରୋଧା ସୁଶୀଲ୍ କୁମାର ଗୋୟେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିବା ମନ୍ଦିର ପ୍ରଶାସନ ତଥା ଇମାମୀ କାଗଜକଳର ବରିଷ୍ଠ ଉପସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଏକ ପ୍ରେସ୍ ବିବୃତ୍ତିରେ ପ୍ରକାଶ କରିଛନ୍ତି।

## ବିଦ୍ୟାଳୟ ପରିସରରେ ଚାରାରୋପଣ



ସିମୁଳିଆ, ୫।୭(ସନ୍ତୋଷ ନାୟକ)

ସିମୁଳିଆ ବ୍ଲକ ଅଧୀନ କୁଅଁରପୁର କମଳାକାନ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବାଲିଖଣ୍ଡ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନାତନ ବେହେରାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ୫ଟି କିସମର ନଡ଼ିଆ, ୨ଟି ବଉଳ ଓ ୨ଟି ଗୁଆ ଚାରା ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା। କମଳାକାନ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସାହାଣୀ, ସହକାରୀ ଶିକ୍ଷକ ଗଙ୍ଗାଧର ପଣ୍ଡାଙ୍କ ସହଯୋଗରେ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଶରତ ନାୟକ, ଉପଦେଷ୍ଟା ବଙ୍କବିହାରୀ ରାଉତ, କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ଲେଙ୍କା, ଗଙ୍ଗାଧର ପଣ୍ଡା, ବସନ୍ତ କୁମାର ଲେଙ୍କା, ଲକ୍ଷ୍ମଣ ପ୍ରସାଦ ଶିଆଳ ଓ ଗୋଲକ ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ସଭାପତିଙ୍କ ଘର ପିଣ୍ଡାରେ ରୋଷେଇ କଲେ ମହିଳା ଗୋଷ୍ଠୀ

### ବ୍ୟାଙ୍କରେ ଶୁଝିନାହାନ୍ତି ଋଣ ଟଙ୍କା

ଭୋଗରାଇ, ୫।୭(ପ୍ରଦୀପ ଦାସ)

ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)ର ସଭାପତି ଦୀର୍ଘବର୍ଷ ଧରି ଋଣ ଟଙ୍କା ବ୍ୟାଙ୍କରେ ଜମା କରିନାହାନ୍ତି। ଏହି ଘଟଣାକୁ କେନ୍ଦ୍ର କରି ମହିଳା ଗୋଷ୍ଠୀ ସଂଘବଦ୍ଧ ହୋଇ ସଭାନେତ୍ରୀଙ୍କ ଘର ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବା ସହ ପିଣ୍ଡାରେ ଚୁଲି କରି ରୋଷେଇ କରି ଖାଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଗନ୍ନାଥପୁର ଗ୍ରାମରେ। ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ମହିଳା ଗୋଷ୍ଠୀ ବ୍ୟାଙ୍କରେ ଟଙ୍କା ନ ଶୁଝିବା ଯାଏ ସଭାପତିଙ୍କ ଧାରଣାରୁ ଉଠିବେ ନାହିଁ ବୋଲି କହିଛନ୍ତି।

ଜଗନ୍ନାଥପୁର ଗ୍ରାମର ୧୫ଜଣ ମହିଳା ବାବା ଚନ୍ଦନେଶ୍ୱର ନାମରେ ଏସ୍‌ଏଚ୍‌ଜି ଗଠନ କରି ଚନ୍ଦନେଶ୍ୱର ଗ୍ରାମ୍ୟ ବ୍ୟାଙ୍କରୁ ୨୦୧୭ରେ ୩ ଲକ୍ଷ ୬୦ହଜାର ଟଙ୍କା ଋଣ ନେଇଥିଲେ। ଏହି ଟଙ୍କାକୁ ଗୋଷ୍ଠୀର ସଦସ୍ୟାମାନେ ଭାଗବଣ୍ଟା କରିନେବା ପରେ ବର୍ଷକ ପରେ ସଭାନେତ୍ରୀଙ୍କୁ କିସ୍ତି ଅନୁଯାୟୀ ମୂଳ ସହ ସୁଧ ଦେଇଥିଲେ। ସଭାନେତ୍ରୀ ମିତା ମିର୍ଦ୍ଧା ସଦସ୍ୟାମାନଙ୍କ ଟଙ୍କା ଜମା ନ ଦେବା ଅଭିଯୋଗ ହେବାରୁ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ବିସ୍ଫୋରକ ସ୍ଥିତି ସୃଷ୍ଟି ହୋଇଥିଲା। ତେବେ ସଭାନେତ୍ରୀ ୧ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ରଖିଥିବା ସ୍ୱୀକାର କରିଥିବା ବେଳେ ଘରର ଦୁରବସ୍ଥା ଓ ଅଭାବରେ ପଡ଼ି ସଦସ୍ୟାଙ୍କ ବାକି ଟଙ୍କା ଜମା କରିନାହାନ୍ତି ବୋଲି କହିବା ସହିତ ପରେ ନିଶ୍ଚୟ ବ୍ୟାଙ୍କ ଋଣ ଶୁଝିଦେବେ ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷରେ ବ୍ୟାଙ୍କ ଏହି ମହିଳାଗୋଷ୍ଠୀକୁ କୌଣସି ଋଣ କିମ୍ବା ସରକାରୀ ଅନୁଦାନ ଦେଉ ନ ଥିବାରୁ ଗୋଷ୍ଠୀର ସଦସ୍ୟାମାନେ ଉତ୍ତେଜିତ ହୋଇ ସଭାନେତ୍ରୀଙ୍କ ଘର ସମ୍ମୁଖରେ ଆନ୍ଦୋଳନ ଜାରି ରଖିଛନ୍ତି।


ସଭାନେତ୍ରୀଙ୍କ ଘର ସମ୍ମୁଖରେ ମହିଳା ଗୋଷ୍ଠୀଙ୍କ ଧାରଣା।

## ଶ୍ରମିକଙ୍କ ଆର୍ଥିକ ମାନଦଣ୍ଡ ସଶକ୍ତ ହେବା ଉପରେ ଗୁରୁତ୍ୱ

ରୂପସା, ୫।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ଝୋଟ କାରଖାନା ଶ୍ରମିକ ସଂଘର ୨୯ ତମ ବାର୍ଷିକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ସଂଘର ସଭାପତି ତଥା ବରିଷ୍ଠ ଆଇନଜୀବୀ ଶାନ୍ତନୁ କୁମାର ଦାସ ପତାକା ଉତ୍ତୋଳନ ଓ ଚାରାରୋପଣ କରି ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। କାରଖାନାରେ ଉତ୍ପାଦନ ବୃଦ୍ଧି ପାଇଁ କର୍ତ୍ତୃପକ୍ଷ ସର୍ବଦା ଶ୍ରମିକଙ୍କ ଆର୍ଥିକ ମାନଦଣ୍ଡକୁ ସଶକ୍ତ କରିବା ଆବଶ୍ୟକ ବୋଲି ସମ୍ମିଳନୀରେ ସଭାପତି ଦାସ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି କାରଖାନା ପରିଚାଳକ ହୃଷିକେଶ ରାଉତ, କାରଖାନା ଇନ୍‌ଚାର୍ଜ ସୁରେନ୍ଦ୍ର କୁମାର ବେହେରା, ମୁଖ୍ୟ ଉପଦେଷ୍ଟା ଦେବବ୍ରତ ବିଶ୍ୱାଳ, ବିକାଶ ପରିଷଦ ସଭାପତି ଭଗବାନ ମହାପାତ୍ର, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ପୂର୍ବତନ ସମ୍ପାଦକ ହୃଷିକେଶ ମହାରଣା, କାର୍ତ୍ତିକ ପଣ୍ଡା ଓ ଗୌରାଙ୍ଗ ବେହେରା, ଯୁବନେତା ଜଗଦୀଶ ବେହେରା ଓ ବଂଶୀଧର ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ମାଲିକ ଓ ଶ୍ରମିକଙ୍କ ମଧ୍ୟରେ ସମନ୍ୱୟ ରହିଲେ ବିକାଶ ନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ। ସଂଘ ସାଧାରଣ ସମ୍ପାଦକ ଦୀପକ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଉମେଶ ନାୟକ ଆୟ ବ୍ୟୟ ହିସାବ ପଠନ କରିଥିଲେ। ଶ୍ରମିକ ନେତା ଅନ୍ତର୍ଯ୍ୟାମୀ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଥିଲା।



ସଂଘର ନୂତନ କାର୍ଯ୍ୟକର୍ତ୍ତାଙ୍କ ସହ ମଞ୍ଚାସୀନ ଅତିଥିଗଣ।

## କୌଣସି ରାସ୍ତା କଚ୍ଚା ରହିବ ନାହିଁ

### ଏମ୍‌ପିଙ୍କ ସମୀକ୍ଷା ବୈଠକ

ବାଲେଶ୍ୱର, ୫।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶୁକ୍ରବାର ଏକ ସମୀକ୍ଷା ବୈଠକ କରିଥିଲେ। ପ୍ରଥମେ ପର୍ଯ୍ୟାୟରେ ଆର୍‌ଡ଼ି ଓ ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟୁତ୍ ସରବରାହ ସଂସ୍ଥା ଟାଟା ପାୱାର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ନୀଳଗିରି, ବସ୍ତା, ସଦର, ରେମୁଣା, ଔପଦା ବ୍ଲକରେ ଆର୍‌ଡ଼ି ବିଭାଗର ଚାଲୁଥିବା କାର୍ଯ୍ୟର ସମୀକ୍ଷା କରିବା ସହିତ ସମସ୍ତ ରାସ୍ତାକୁ ପକ୍କା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଓ ବସ୍ତା ଅଞ୍ଚଳର ନେତା ରବୀନ୍ଦ୍ର ଅଣ୍ଡିଆ ଅଂଶଗ୍ରହଣ କରି ନିଜ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଚାଲୁଥିବା ନିର୍ମାଣ କାର୍ଯ୍ୟକୁ ଅବଧି ମଧ୍ୟରେ ଶେଷ କରିବା ଓ ନୂଆ କାମକୁ ତୁରନ୍ତ ଆରମ୍ଭ କରିବା ସହିତ କାର୍ଯ୍ୟରେ ସତ୍ୟତା ଓ ପାରଦର୍ଶିତା ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ସମୟରେ ଆର୍‌ଡ଼ି ବିଭାଗର ସମସ୍ତ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏହାପରେ ବିଦ୍ୟୁତ ସରବରାହ ସଂସ୍ଥା ଟାଟା ପାୱାର ଅଧିକାରୀଙ୍କ ସହିତ ବିଦ୍ୟୁତ୍ ସରବରାହ, ଉପଭୋକ୍ତାଙ୍କ ଅଭିଯୋଗ, ନିରବଚ୍ଛିନ୍ନ ଯୋଗାଣ ବିଷୟରେ ଆଲୋଚନା କରିଥିଲେ। ଅହେତୁକ ବିଦ୍ୟୁତ୍ କାଟ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଭୋକ୍ତାଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ପ୍ରାଧାନ୍ୟ ଦେବାକୁ ଏମ୍‌ପି ଷଡ଼ଙ୍ଗୀ କହିଥିଲେ।


ସମୀକ୍ଷା ବୈଠକରେ ଏମ୍‌ପିଙ୍କ ସମେତ ଅନ୍ୟମାନେ।

## ସାଜସଜ୍ଜାରେ ପିପିଲି ଚାନ୍ଦୁଆକୁ ପ୍ରାଧାନ୍ୟ

### ରଥଯାତ୍ରା ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୫।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ଘୋଷଯାତ୍ରାର ପ୍ରସ୍ତୁତ ନେଇ ଚଳଚଞ୍ଚଳ ହୋଇଉଠିଥିବା ବେଳେ ଯାତ୍ରାର ସମସ୍ତ ପୂର୍ବ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏନେଇ ରଥଯାତ୍ରା ପରିଚାଳନା କମିଟିର ଏକ ବୈଠକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତବର୍ଷର ରଥଯାତ୍ରାରେ ରଥର ସାଜସଜାରେ ପିପିଲି ଚାନ୍ଦୁଆକୁ ପ୍ରାଧାନ୍ୟ ଦିଆଯିବ ବୋଲି ସ୍ଥିର କରାଯାଇଛି। ଅଣସର ଘରୁ ବାହାରି ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପାରମ୍ପରିକ ରୀତିନୀତି ଶେଷ କରି ନବଯୌବନ ଦର୍ଶନ ଦେବେ। ଏଥିସହ ଧାଡ଼ି ପହଣ୍ଡିରେ ଆସି ତିନି ଠାକୁର ରଥାରୂଢ଼ ହେବେ। ଏଥିସହିତ ପୁରୀ ଶ୍ରୀମନ୍ଦିରର ନିୟମ ମୁତାବକ ଅପରାହ୍ନ ୩ଟାରେ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରଠାରୁ ରଥଟଣା ଆରମ୍ଭ ହେବ ଓ ବିଶ୍ୱବିଦ୍ୟାଳୟ ପରିସରରେ ଅବସ୍ଥାପିତ ନବନିର୍ମିତ ମାଉସୀ-ମା' ମନ୍ଦିରଠାରେ ଶେଷ ହେବ। ରଥଯାତ୍ରାଠାରୁ ଆରମ୍ଭ କରି ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଏକ ଅସ୍ଥାୟୀ ଆନନ୍ଦବଜାରରେ ସମସ୍ତଙ୍କ ପାଇଁ ନିୟମିତ ମହାପ୍ରସାଦ ସେବନ ବ୍ୟବସ୍ଥା କରାଯିବ। ଦୀର୍ଘ ନଅଦିନ ଧରି ଆୟୋଜିତ ଏହି ଗଣଉତ୍ସବରେ ଜନସାଧାରଣଙ୍କୁ ସାମିଲ ହେବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

## ରଥଦାଣ୍ଡ ପାର୍ଶ୍ୱରେ ଆମିଷ ବିକ୍ରି ବନ୍ଦ

### ଉଦଳା ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ

ଉଦଳା,୫।୭(ସନ୍ତୋଷ କୁମାର ବାଞ୍ଛିନୀ)

ଉଦଳା ରଥଯାତ୍ରା ଶୃଙ୍ଖଳାର ସହିତ ସଂପନ୍ନ ହେବା ନିମନ୍ତେ ରଥ ଏବଂ ପଥ ପ୍ରସ୍ତୁତ ହୋଇ ରହିଛି। ରବିବାର ସକାଳେ ଉଦଳା ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କର ନୀତିକାନ୍ତି ପରେ ରଥଖଳାରେ ନିର୍ମାଣ ହୋଇଥିବା ରଥ ପ୍ରତିଷ୍ଠା ହେବ। ପରେ ଶ୍ରୀ ଜୀଉଙ୍କର ପହଣ୍ଡି ବିଜେ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ମନ୍ଦିରର ପୂଜକ ରତିକାନ୍ତ ଦାଶ ସୂଚନା ଦେଇଛନ୍ତି। ପରମ୍ପରା ଅନୁଯାୟୀ ଉଦଳାରେ ରଥଯାତ୍ରା ଦୁଇ ଦିନ ଧରି ପାଳନ ହୋଇଥାଏ। ପ୍ରଥମ ଦିବସରେ ପୁରୁଷ ଶ୍ରଦ୍ଧାଳୁମାନେ ରଥ ଟାଣି ହନୁମାନ ମନ୍ଦିର ଛକ ନିକଟରେ ପହଞ୍ଚାଇଥାନ୍ତି। ଦ୍ୱିତୀୟ ଦିବସରେ କେବଳ ମହିଳା ଶ୍ରଦ୍ଧାଳୁମାନେ ରଥଟାଣି କଲେଜ ରୋଡସ୍ଥିତ ମାଉସୀ ମା' ମନ୍ଦିରଠାରେ ରଥ ପହଞ୍ଚାଇଥାନ୍ତି। ରଥାରୂଢ଼ ଦିଅଁଙ୍କୁ ଦର୍ଶନ କରିବା ନିମନ୍ତେ ହଜାର ହଜାର ସଂଖ୍ୟାରେ ମହିଳା ପୁରୁଷ ଶ୍ରଦ୍ଧାଳୁଙ୍କର ରଥଦାଣ୍ଡରେ ଭିଡ଼ ଲାଗିଥାଏ। ନାମ ସଂକୀର୍ତ୍ତନ ଘଣ୍ଟ ଧ୍ୱନିରେ ପ୍ରକମ୍ପିତ ହୋଇଥାଏ ରଥଦାଣ୍ଡ। ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳାର ସହିତ ସମ୍ପନ୍ନ କରିବା ନିମନ୍ତେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଏବଂ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରଥଦାଣ୍ଡ ପାର୍ଶ୍ୱରେ ଜବରଦଖଲ କରି ରହିଥିବା ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରିବା ଏବଂ ରଥଠାରୁ ବାହୁଡ଼ା ପର୍ଯ୍ୟନ୍ତ ରଥଦାଣ୍ଡ ରାସ୍ତା ପାର୍ଶ୍ୱରେ ଆମିଷ ଦୋକାନ ବନ୍ଦ ରହିବା ପାଇଁ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ରଥଦାଣ୍ଡରେ ରଥଦାଣ୍ଡରେ ଥିବା ଖାଲଖମାକୁ ମରାମତି କରାଯାଇଛି। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଉଭୟ ପାର୍ଶ୍ୱରେ ପରିଷ୍କାର ପରିଚ୍ଛନ୍ନ ରଖାଯିବା ସହିତ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ରଥଦାଣ୍ଡରେ ପୋଲିସ୍ ଫୋର୍ସ ଉପସ୍ଥିତ ରହିବେ ବୋଲି ଉପଖଣ୍ଡ ପୋଲିସ୍ ଅଧିକାରୀ ସାର୍ଥକ ରାଏ ସୂଚନା ଦେଇଛନ୍ତି। ଚତୁର୍ଦ୍ଧାଦେବଙ୍କ ପହଣ୍ଡି ଏବଂ ରଥଟଣା ସମୟରେ ଯାନବାହନ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ପୋଲିସ୍ କାର୍ଯ୍ୟ କରିବ।

## ୧୫ ଦିନ ହେଲା ସ୍ତ୍ରୀ ଓ ପ୍ରସୂତି ବିଭାଗ ଲିଫ୍ଟ ଅଚଳ

ବାଲେଶ୍ୱର, ୫।୭(ମାନସ ବିଶ୍ୱାଳ)-ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ଆଧୁନିକୀକରଣ ପାଇଁ ସରକାର ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ହେଲେ ଗତ ୧୫ଦିନ ହେଲା ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗର ଲିଫ୍ଟ ଅଚଳ ହୋଇଯାଇଛି। ଗତ ଦୁଇ ମାସ ତଳେ ମଧ୍ୟ ଏହି ବିଭାଗର ଲିଫ୍ଟ ୧୫ଦିନ ଧରି ଅଚଳ ହୋଇପଡ଼ିଥିଲା। ଅଭିଯୋଗ ପରେ ଏହାର ମରାମତି ହୋଇଥିଲା। ଲିଫ୍ଟ ଯୋଗାଇଥିବା ସଂସ୍ଥା ଏହାର ରକ୍ଷଣାବେକ୍ଷଣ କରିବାର ନିୟମ ରହିଛି। ମାତ୍ର ତାହା କରାଯାଉନାହିଁ। ଏହି ବିଭାଗର କୋଠା ଘର ତିନି ମହଲା ଅଟେ। ଲିଫ୍ଟ ଦୀର୍ଘ ଦିନ ଧରି ଅଚଳ ରହିଥିବାରୁ ରୋଗୀ, ଡାକ୍ତର, ନର୍ସ ଓ ରୋଗୀମାନଙ୍କ ଆତ୍ମୀୟମାନେ କିଭଳି ଯା'ଆସ କରୁଥିବେ ତାହା ଭୁକ୍ତଭୋଗୀ ହିଁ କହିପାରିବେ। ଜିଲା ପ୍ରଶାସନ ଏହାର ସମାଧାନ କରିବାକୁ ବାଲେଶ୍ୱର ଜିଲା ବାର୍ ଆସୋସିଏଶନ ପୂର୍ବତନ ସଭାପତି ମନୋଜ କୁମାର ନାୟକ ଦାବି କରିଛନ୍ତି।

## ସିକିଲସେଲ୍ ଆନିମିଆ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର, ୫।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସିକିଲ ସେଲ୍ ଆନିମିଆ(ଅସୁସ୍ଥ କୋଷ ରକ୍ତହୀନତା) ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବିଭାଗ ଓ ପ୍ରାକ୍ତନ ଛାତ୍ର ସଂସଦ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରି ସେବା ଯୋଜନାର ଦାୟିତ୍ୱବୋଧର ମୂଲ୍ୟକୁ ବୁଝି ଅଧିକ ଲୋକଙ୍କ ପାଖରେ ଏହି ରୋଗ ଓ ଏହାର ନିରାକରଣ ସମ୍ବନ୍ଧିତ ସମସ୍ତ ମୂଲ୍ୟବାନ ସୂଚନା ପହଞ୍ଚାଇବାର ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ଶିଶୁରୋଗ ବିଶେଷଜ୍ଞ ଡା. ନବକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଅତିଥି ବକ୍ତା ଭାବେ ବାଲେଶ୍ୱର ମେଡିକାଲ କଲେଜ ଆସିଷ୍ଟାଣ୍ଟ ପ୍ରଫେସର ଓ ଏନ୍‌ଏସ୍‌ଏସ୍ ସଂଯୋଜକ ଡା. ଦୀପକ କୁମାର ପାଣିଗ୍ରାହୀ, ବିଶ୍ୱବିଦ୍ୟାଳୟ ପ୍ରଫେସର ବିଷ୍ଣୁପ୍ରସାଦ ଦାଶ, ପ୍ରାକ୍ତନ ଛାତ୍ର ସଂସଦ ପ୍ରେସିଡେଣ୍ଟ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗଦେଇ ସିକିଲ ସେଲ ଆନିମିଆ ରୋଗର କାରଣ, ନିରାକରଣ ଓ ଅନ୍ୟାନ୍ୟ ଡାକ୍ତରୀ ବିଜ୍ଞାନଭିତ୍ତିକ ତଥ୍ୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବିଭାଗ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରି ଏହି ରୋଗ ସମ୍ପର୍କରେ ଜ୍ଞାନ ଆହରଣ କରି ଏହାକୁ ବିଭିନ୍ନ ମାଧ୍ୟମରେ ଲୋକମାନଙ୍କ ପାଖରେ ପହଞ୍ଚାଇବାର ଉଦ୍ୟମ କରିବା ନେଇ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ହୋଇ ସିକିଲ ସେଲ ଆନିମିଆ ସମ୍ପର୍କରେ ସଚେତନ ହେବା ସହ ଏହାର ଚିକିତ୍ସା ବିଷୟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ବନ୍ଧରେ ଅବଗତ ହୋଇଥିଲେ। ଏହି ଅବସରରେ 'ଆନିମିଆ ମୁକ୍ତ ଭାରତ : ଆନ୍ ଇନିସିଏଟିଭ ଆଟ୍ ଫକୀରମୋହନ ୟୁନିଭରସିଟି' ନାମକ ଏକ ପୁସ୍ତିକାର ଉନ୍ମୋଚନ କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ଡ. ପ୍ରତିମା ପ୍ରଧାନ ସଂଚାଳନ କରିଥିବା ବେଳେ ଡ. ଜଗନ୍ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଦ୍ୱାରା 'ଆନିମିଆ ମୁକ୍ତ ଭାରତ : ଆନ୍ ଇନିସିଏଟିଭ ଆଟ୍ ଫକୀରମୋହନ ୟୁନିଭରସିଟି' ପୁସ୍ତିକା ଉନ୍ମୋଚନ କରାଯାଉଛି।

# ୨୬୦ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ

**ସମସ୍ୟା ଘେରରେ ବନେଇକଳା ସ୍କୁଲ**

■ସିଲିଂରୁ ପାଣି ଝରୁଛି, ଫାଟକରୁ ଟାଇଲ ଖସୁଛି

■ପାନୀୟ ଜଳ ସୁବିଧା ନାହିଁ

ଯୋଡ଼ା,୫।୭(ମାନସ ମହାନ୍ତି)

କେନ୍ଦୁଝରଜିଲା ଯୋଡ଼ାପୌରପାଳିକାରେ ଥିବା ବନେଇକଳା ସ୍କୁଲ ଅବ୍ୟବସ୍ଥା ଘେରରେ ରହିଛି। ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ପଢ଼ାଇବାକୁ ମାତ୍ର ଜଣେ ଶିକ୍ଷକ ରହିଛନ୍ତି। ୫-ଟି ଅଧୀନରେ ସ୍କୁଲର ସୌନ୍ଦର୍ଯ୍ୟକରଣ କରାଯାଇଥିବା ବେଳେ କିଛି ମାସ ମଧ୍ୟରେ ସିଲିଂରୁ ପାଣି ଝରୁଥିବା ବେଳେ ଫାଟକକୁ ଟାଇଲ ଖସୁଛି। ଏପରି ବିଦ୍ୟାଳୟରେ ଥିବା ନଳକୂପରୁ ଗୋଳିଆ ପାଣି ବାହାରୁଥିବାରୁ ପାନୀୟ ଜଳ ସମସ୍ୟା ଦେଖାଯାଇଛି। ଏ ନେଇ ଅଭିଯୋଗ ପରେ ବି ସମସ୍ୟା ସମାଧାନ ହେଉ ନ ଥିବା ଶିକ୍ଷକ ଓ ଅଭିଭାବକ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ୧୯୬୮ରେ ସ୍ଥାପିତ ସ୍କୁଲ ଯୋଡ଼ା ବ୍ଲକ୍‌ର ଏକ ନୋଡାଲ ସ୍କୁଲଭାବେ କାମ କରୁଛି। ଉକ୍ତ ସ୍କୁଲ ଅଧୀନରେ ବ୍ଲକ୍‌ର ୨୮ ସ୍କୁଲ ରହିଛି। ବ୍ଲକ୍‌ରୁ ମାତ୍ର ୧୦୦ମିଟର ଦୂରରେ ଓ ପୌରପାଳିକାଠାରୁ ୫୦୦ ମିଟର ଦୂରରେ ଅବସ୍ଥିତ। ସ୍କୁଲର ପ୍ରଧାନ ଶିକ୍ଷକ ଯଯାତି କେଶରୀ ବେହେରା କହିଛନ୍ତି, ଏଠାରେ ୬ଷ୍ଠଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୩ ଶ୍ରେଣୀରେ ୨୬୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମାଧ୍ୟମିକ ଶ୍ରେଣୀ ପାଠ ପଢ଼ାଇବା ପାଇଁ ଜଣେ ମାତ୍ର ଶିକ୍ଷକ ଡେପୁଟେଶନରେ ଆସୁଛନ୍ତି। ବାଧ୍ୟହୋଇ ହାଇସ୍କୁଲ ଶିକ୍ଷକମାନେ ଅନ୍ୟାନ୍ୟ ଶ୍ରେଣୀର କ୍ଲାସ୍ ଛାଡ଼ି ୬ଷ୍ଠ, ୭ମ ଓ ୮ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି। ଉଚ୍ଚ ମାଧ୍ୟମିକ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ପଢ଼ାରେ ବ୍ୟତିକ୍ରମ ଦେଖାଯାଉଛି। ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ସ୍କୁଲରେ ସମୁଦାୟ ୪୬୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ମଧ୍ୟାହ୍ନଭୋଜନ ପାଇଁ ଜାଗା ନ ଥିବାରୁ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ କିଛି ମାସ ପୂର୍ବେ ୫-ଟି ଅଧୀନରେ ସାଜସଜ୍ଜା, ରଙ୍ଗ ଆଦି ରୂପାନ୍ତରୀକରଣ କାର୍ଯ୍ୟ କରାଯାଇଥିଲା। ୨୫ ମାର୍ଚ୍ଚ ୨୦୨୩ରେ ଏହାର ଉଦ୍‌ଘାଟନ ହୋଇଛି। ଉଦ୍‌ଘାଟନର ୧୫ ମାସ ନ ହେଉଣୁ ସ୍କୁଲର ମୁଖ୍ୟ ଫାଟକରେ ଲାଗିଥିବା ଏକାଧିକ ଟାଇଲ ଶୁକ୍ରବାର ଖସିଯାଇଛି। ନିର୍ମାଣାଧୀନ ସିମେଣ୍ଟ ତୋରଣରୁ ପ୍ରତିଦିନ ଟାଇଲ ଖସୁଛି ଓ ଶ୍ରେଣୀଗୃହରେ ହୋଇଥିବା ଛାତର ଫଲ୍ସ ସିଲିଂରୁ ବର୍ଷା ହେଲେ ନିୟମିତ ପାଣି ଝରୁଛି। ରୋଷେଇଶାଳ ସମ୍ପୂର୍ଣ୍ଣ ପରିତ୍ୟକ୍ତ ହୋଇପଡ଼ିଛି। ଫଳରେ ସାପ ଭୟ ରହୁଛି। ସ୍କୁଲ ପରିସରରେ ୫-ଟି ମାଧ୍ୟମରେ ନିର୍ମାଣ ହୋଇଥିବା ପ୍ରାର୍ଥନା ଗୃହ ଏବଂ ସଭାଗୃହରେ ଲାଗିଥିବା ଟାଇଲ ନିମ୍ନମାନର କାର୍ଯ୍ୟ ହେତୁ ଝଡ଼ି ଗଲାଣି। ପାନୀୟ ଜଳ ପାଇଁ ଗଭୀର ନଳକୂପ ଖୋଳାଯାଇଥିଲେ ମଧ୍ୟ କାଦୁଅ ମିଶ୍ରିତ ଜଳ ବାହାରୁଥିବାରୁ ପାନୀୟ ଉପଯୋଗୀ ହେଉନାହିଁ। ଏହି ପୁରାତନ ସ୍କୁଲ ଉପରୁ ଚିକ୍କଣ ଦେଖାଯାଉଥିବା ବେଳେ ବହୁବିଧ ସମସ୍ୟା ଘେରରେ ରହିଥିବା ଅଭିଭାବକମାନେ କହିଛନ୍ତି।



ଏ ନେଇ ବାରମ୍ବାର ସ୍କୁଲ ପକ୍ଷରୁ ପୌରପାଳିକାରେ ଅଭିଯୋଗ କରାଯାଇଥିବା ପ୍ରଧାନ ଶିକ୍ଷକଙ୍କ ସମେତ ଶିକ୍ଷକ ରଙ୍ଗାଧର ଜେନା, ଛୋଟଲାଲ ମୁଣ୍ଡା କହିଛନ୍ତି। ପୌରପାଳିକା ଅଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ କହିଛନ୍ତି, ପୌରପାଳିକା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏହାର ମରାମତି ପାଇଁ କୁହାଯାଇଛି। ଏ ପର୍ଯ୍ୟନ୍ତ ପରିଦର୍ଶନରେ ମଧ୍ୟ ଆସି ନ ଥିବା ଶିକ୍ଷକମାନେ କହିଛନ୍ତି। ଜିଲାପାଳ ବିଶାଲ ସିଂଙ୍କୁ ଜଣାଇବା ପରେ ଅବିଳମ୍ବେ ଏହି କାର୍ଯ୍ୟ କରାଯିବ ବୋଲି କହିଥିଲେ।

## ସ୍ୱାମୀଙ୍କ ତୀରମାଡ଼ରେ ସ୍ତ୍ରୀ ଗୁରୁତର

ପାଟଣା,୫।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଖଡ଼ିକା ପଦା ପଞ୍ଚାୟତ ହରିଡ଼ାଗୋଠ ଗ୍ରାମରେ ଗୁରୁବାର ରାତିରେ ପାରିବାରିକ କଳହରୁ ସ୍ୱାମୀଙ୍କ ତୀରମାଡ଼ରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ସଜନୀ ମୁଣ୍ଡା(୩୦)। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସଜନୀ ହରିଚନ୍ଦନପୁର ଥାନା ହାତୀକୁଚା ଗ୍ରାମର ବିଶ୍ୱନାଥ ମୁଣ୍ଡାଙ୍କୁ ବିବାହ କରିଥିଲେ। ଉଭୟଙ୍କର ଗୋଟିଏ ଝିଅ ଓ ଏକ ପୁଅ ରହିଛନ୍ତି। ବିଶ୍ୱନାଥ ବିଭିନ୍ନ ସମୟରେ ସଜନୀଙ୍କୁ ମାଡ଼ ମାରୁଥିଲେ। ଏ ନେଇ ସଜନୀ ୧ ମାସ ହେବ ବାପଘର ସାହାରପଡ଼ା ବ୍ଲକ୍ ଖଡ଼ିକାପଦା ପଞ୍ଚାୟତ ହରିଡ଼ାଗୋଠ ଗ୍ରାମରେ ରହୁଥିଲେ। ଗୁରୁବାର ରାତିରେ ସଜନୀ ଖାଇ ସାରି ବାହାରେ ହାତ ଧୋଉଥିବା ବେଳେ କେହି ତାଙ୍କ ପଛ ପାର୍ଶ୍ୱରୁ ତୀର ବିନ୍ଧିଥିଲେ। ତୀରଟି ସଜନୀଙ୍କ ପିଠି ପାର୍ଶ୍ୱରୁ ଗଳି ଆଗକୁ ବାହାରି ପଡ଼ିଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ, କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବିଶ୍ୱନାଥ ତୀର ମାରି ଫେରାର ହୋଇଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପାଟଣା ଥାନାରେ ଏକ ମାମଲା(ନଂ.୨୫୪/୨୪) ରୁଜୁ ହୋଇଛି। ଘଟଣାସ୍ଥଳରେ ପଡ଼ିଥିବା ଧନୁତୀରକୁ ପୋଲିସ ଜବତକରି ତଦନ୍ତ ଚାଲିଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଭବାନୀ ଶଙ୍କର ବାଦି କହିଛନ୍ତି। ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି, ବିଶ୍ୱନାଥଙ୍କୁ ଧରିବା ପାଇଁ ହରିଚନ୍ଦନପୁର ପୋଲିସ ହାତୀକୁଚା ଯାଇଥିଲେ ହେଁ ସେ ଫେରାରଥିବାରୁ ଧରାଯାଇପାରିନାହିଁ।

## ଜନଜାତି ଗବେଷକ ନୀଳାଦ୍ରି ବିହାରୀଙ୍କ ପରଲୋକ

କେନ୍ଦୁଝର,୫।୭(ଦୀପକ ମିଶ୍ର)

ଜନଜାତି ଗବେଷକ ତଥା ଏକାଧିକ ଜୁଆଙ୍ଗ ଲୋକସାହିତ୍ୟ ପୁସ୍ତକର ରଚୟିତା ଡ. ନୀଳାଦ୍ରି ବିହାରୀ ମିଶ୍ର(୬୮)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସଭାରେ ଯୋଗ ଦେବାକୁ ଟ୍ରେନ୍‌ରେ ଯାଉଥିବା ବେଳେ ଗୟାଠାରେ ହୃଦ୍‌ଘାତର ଶିକାର ହୋଇଥିଲେ। ସେ ଦୀର୍ଘ ଦଶନ୍ଧି ଧରି ଜୁଆଙ୍ଗ ଜନଜୀବନ ଗବେଷଣାରେ ସମ୍ପୃକ୍ତ ଥିଲେ। ତାଙ୍କର ରଚିତ ନାଳେ, ଆଗ, ବଂସାତି, ଆଂଚା, ରମାଏ, ଜୁଆଙ୍ଗ ବ୍ୟାକରଣ ଓ ଜୁଆଙ୍ଗ ଶବ୍ଦକୋଷ ଆଦି ପୁସ୍ତକ ଜନଜାତି ଗବେଷକ ମହଲରେ ବହୁଳ ଆଦୃତି ହାସଲ କରିଛି। ଜନଜାତି ଗବେଷଣା କ୍ଷେତ୍ରରେ ନିରବଚ୍ଛିନ୍ନ ପ୍ରୟାସ ପାଇଁ ସେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ସମ୍ମାନିତ ହୋଇଛନ୍ତି।

## ଚୋରି ସାମଗ୍ରୀ ଜବତ, ୩ ଗିରଫ

■ଅଟୋ ଓ ଦୋକାନରୁ ଚୋରି ଘଟଣା

■ବାଳ ଅପରାଧୀ ସୁଧାର ଗୃହକୁ ଗଲେ

ବଡ଼ବିଲ,୫।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ପିଏଚ୍‌ଡି ରୋଡରୁ ବୁଧବାର ଏକ ଡାଲା ଟେମ୍ପୋ(ଅଟୋ) ଓ ଏକ ସ୍ପେଆର ପାର୍ଟ୍ସ ଦୋକାନରୁ ଚୋରି ହୋଇଥିଲା। ଘଟଣାରେ ପୋଲିସ ଶୁକ୍ରବାର ଅଟୋ ସହ ଚୋରି ସାମଗ୍ରୀ ଜବତ କରିଛି। ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟଜଣେ ବାଳ ଅପରାଧୀ ହୋଇଥିବାରୁ ସୁଧାର ଗୃହକୁ ପଠାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ପିଏଚ୍‌ଡି ମହାରଣା ସାହି ଅଞ୍ଚଳର ଅଭିଷେକ ମହାରଣା, ଭୋଲା ଗ୍ୟାରେଜ ଅଞ୍ଚଳର ଏମ୍‌ଡି ଆଦିଲ ଓ ସୁଜଲ ପାଲ ଚୌଧୁରୀ। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଭୋଲା ଗ୍ୟାରେଜ ନିକଟସ୍ଥ ଏକେ ଅଟୋ ଇଲେକ୍ଟ୍ରିକାଲ ନାମକ ସ୍ପେଆର ପାର୍ଟ୍ସ ଦୋକାନର ଆଜବେଷ୍ଟସ ଭାଙ୍ଗି ଦୋକାନର କାଉଣ୍ଟରରେ ଥିବା ନଗଦ ୧ଲକ୍ଷ ୪୨ ହଜାର ଟଙ୍କା ଓ ପ୍ରାୟ ୪ ଲକ୍ଷ ଟଙ୍କାର ବିଭିନ୍ନ ଗାଡିର ସ୍ପେଆର ପାର୍ଟ୍ସ ଚୋରି ହୋଇଥିଲା। ଏ ନେଇ ବଡବିଲ ଥାନାରେ ଗୁରୁବାର ଅଭିଯୋଗ ହୋଇଥିଲା। ସେହିପରି ବୁଧବାର ରାତିରେ ପିଏଚ୍‌ଡି ରୋଡରେ ଘର ବାହାରେ ଛିଡ଼ା ହୋଇଥିବା ସୋନୁ ରାଜଭର ନାମକ ବ୍ୟକ୍ତିଙ୍କ ଓଆର୦୯ଏମ୮୧୪୧ ନମ୍ବର ବିଶିଷ୍ଟ ଏକ ଡାଲା ଟେମ୍ପୋ ଚୋରିହୋଇଯାଇଥିବା ନେଇ ବଡବିଲ ଥାନାରେ ମାମଲା ରୁଜୁ ହୋଇଥିଲା। ବଡ଼ବିଲ ଥାନା ସବ୍ ଇନ୍ସପେକ୍ଟର ବଳିଆ ବାରିକ କହିଛନ୍ତି, ଦୁର୍ବୃତ୍ତ ଟେମ୍ପୋ ଚୋରି କରିବା ପରେ ସ୍ପେଆର ପାର୍ଟ୍ସ ଦୋକାନ ଆଜ୍‌ବେଷ୍ଟସ ଭାଙ୍ଗି ସାମଗ୍ରୀ ଓ ନଗଦ ଟଙ୍କା ଚୋରି କରିଥିଲେ। ସେହି ଟେମ୍ପୋରେ ଚୋରି ସାମଗ୍ରୀ ବୋଝେଇ କରି ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତ ସେରେଣ୍ଡା ଜଙ୍ଗଲରେ ଲୁଚି ଥିବା ଖବର ପାଇ ପୋଲିସ ଚଢ଼ାଉ କରି ଚୋରି ଟେମ୍ପୋ, ସ୍ପେଆର ପାର୍ଟ୍ସ ଓ ନଗଦ ୬୨ ହଜାର ୫ ଶହ ଟଙ୍କା ଜବତ କରିବାକୁ ସକ୍ଷମ ହୋଇଛି।

## ସବୁ ରେଳ ଇଞ୍ଜିନରେ ଏସି ଲଗାଇବା ଦାବି

**ସର୍ବଭାରତୀୟ ରେଳ ଚାଳକ ସଂଘର ସାଧାରଣ ସଭା**

କେନ୍ଦୁଝର,୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରେଳ ମଣ୍ଡଳର କେନ୍ଦୁଝର ଗଡ଼ ରୋଟାରୀ କ୍ଲବ୍‌ଠାରେ ଶୁକ୍ରବାର ସର୍ବ ଭାରତୀୟ ରେଳ ଚାଳକ ସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତଟ ରେଳପଥର ଜୋନାଲ ପ୍ରେସିଡେଣ୍ଟ ଏସ.କେ. ଚୋବେ, ଜୋନାଲ ସେକ୍ରେଟାରୀ ଜେ.ପି.ଦଣ୍ଡପାଟ, ସିଟୁର ସକ୍ରିୟ ସଭ୍ୟ ଧରଣୀଧର ମହାନ୍ତଙ୍କ ସମେତ ରେଳ ଚାଳକ ସଂଘର ସଦସ୍ୟ ଡି.କେ ସାହୁ, ଅଞ୍ଜନ ସାହୁ, ଏମ୍‌ଡି ଏଫ ଆଲାମ, ମଣ୍ଡଳ ସଭାପତି ଏସ୍‌ଏନ୍‌ପଟ ନାଏକ, କେନ୍ଦୁଝର ଶାଖା ସଭାପତି ଜନ୍ମେଜୟ ବଳ ପ୍ରମୁଖ ଯୋଗଦେଇ ରେଳ ଚାଳକ ଓ ସହ ଚାଳକଙ୍କ ଦାବି, ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସଭାରେ ନୂତନ ପେନ୍‌ସନ୍‌କୁ ହଟାଇ ପୁରାତନ ପେନ୍‌ସନ୍ ଲାଗୁ କରିବା, ସାପ୍ତାହିକ ରେଷ୍ଟକୁ ୩୦ଘଣ୍ଟା ବଦଳରେ ୪୬ଘଣ୍ଟାକୁ ବୃଦ୍ଧି, ମିନିମମ ଗ୍ୟାରେଣ୍ଟି କିଲୋମିଟର ପ୍ରଦାନ, ୨୦୨୫ ଫେବୃୟାରୀ ୧ ସୁଦ୍ଧା ସମସ୍ତ ରେଳ ଇଞ୍ଜିନରେ ଏସି ଲଗାଇ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ଷ୍ଟାଫ୍‌ଙ୍କ ପାଇଁ ପ୍ରଦାନ କରାଯାଉଥିବା ରେଳ ସେବାକୁ କେବଳ ରାତି ପରିବର୍ତ୍ତେ ଦିନ ଓ ରାତିରେ ପ୍ରଦାନ, ଡ୍ୟୁଟି ସମୟକୁ ସର୍ବାଧିକ ୯ ଘଣ୍ଟାରେ ସୀମିତ ରଖିବା, ୨ ରାତି ଡ୍ୟୁଟି କରିବା ପରେ ଗୋଟିଏ ରାତି ବିଶ୍ରାମ, ନୟାଗଡ଼, ସୁକିନ୍ଦା, ଯାଜପୁର ରୋଡ ଆଦି ସ୍ଥାନରେ ଥିବା ରେଷ୍ଟ ରୁମକୁ ବାତନୁକୂଳିତ କରିବା ସହିତ ଶୁଦ୍ଧ ଓ ଥଣ୍ଡା ପାନୀୟଜଳର ବ୍ୟବସ୍ଥା କରିବା ଆଦି ଦାବି ଉପସ୍ଥାପନ କରାଯାଇ ଉଭୟ ରେଳ ପ୍ରଶାସନ ଓ ରେଳମନ୍ତ୍ରୀଙ୍କୁ ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଏଥି ସହିତ ସର୍ବଭାରତୀୟ ରେଳ ଚାଳକ ସଂଘର କେନ୍ଦୁଝର ଗଡ଼ ଶାଖା ଗଠନ କରାଯାଇଥିଲା। ସଭାପତି ଜେ ବଳ, କାର୍ଯ୍ୟକାରୀ ସଭାପତି ବି ପୋଥାଳ, ଉପସଭାପତି ପିକେ ପାଣ୍ଡେ, ସମ୍ପାଦକ କାଜଲ ବୋଷ, ସହ ସମ୍ପାଦକ ପିକେ ଜେନା, ସହକାରୀ ସମ୍ପାଦକ ଆର କେ ଦେ, କୋଷାଧ୍ୟକ୍ଷ ଡି ସାମନ୍ତ, ସହକାରୀ କୋଷାଧ୍ୟକ୍ଷ ଭାବେ ଅବିନାଶ ସିଂ, ସଂଗଠନ ସମ୍ପାଦକ ବାଘାଇ ସରେନ, ଏକଜ୍ୟୁକ୍ୟୁଟିଭ ସଭ୍ୟ ଭାବେ ବି ବଳ, ଏକେ ସାହୁ, ଜ ବେହେରା, ଏସ ମହାନ୍ତ ପ୍ରମୁଖ ମନୋନୀତ ହୋଇଥିଲେ।




ସର୍ବଭାରତୀୟ ରେଳ ଚାଳକ ସଂଘ ସଦସ୍ୟମାନେ।

## ନୂତନ ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ହାଟଡ଼ିହୀ,୫।୭(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ଜେଏମ୍‌ଏଫ୍‌ସି କୋର୍ଟରେ ନୂତନ ବିଚାରପତିଭାବେ ସୌରଭ ଶର୍ମା ଯୋଗଦାନ କରିଛନ୍ତି। ବିଚାରପତିଙ୍କୁ କାର୍ଯ୍ୟରତ ଆଇନଜୀବୀମାନେ ଫୁଲତୋଡ଼ା ଏବଂ ଉପଢ଼ୌକନ ଦେଇ ସ୍ୱାଗତ ଜଣାଇଥିଲେ। ରଙ୍ଗାଧର ମଲ୍ଲିକ, କ୍ଷୀରୋଦ ତ୍ରିପାଠୀ, ଭରତ ସେଠୀ, ନକୁଳ ଯେନା, ଦଶରଥ ଯେନା, ଆର୍ଯ୍ୟଭଟ୍ଟ ମୈକାପ, ଜୟନ୍ତ ଦାସ, ସନ୍ତୋଷ ରାଉତ, ଗୋପୀନାଥ ନାୟକ, ମନୋଜ ତ୍ରିପାଠୀ, ବାଳକୃଷ୍ଣ ନାୟକ, ରବୀନ୍ଦ୍ର ସ୍ୱାଇଁ, ରାଜ ନାରାୟଣ ରାଉତରାୟ, ପ୍ରଦୀପ ଜେନା, ସରୋଜ ପଟ୍ଟନାୟକ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଯୋଡ଼ା,୫।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ହେସାବେଡ଼ାସ୍ଥିତ ଜରିବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷୟିତ୍ରୀ ଅରୁଣା କୁଅଁର ଓ ଲଳିତାସାହୁ, ପାଚିକା ବିଳାସିନୀ ତନ୍ତୀଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜଜାଙ୍ଗ କ୍ଲଷ୍ଟରର ସିଆର୍‌ସିସି ରମାକାନ୍ତ ଓଝା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ରାମ ସିଂ ମୁଣ୍ଡା, ସନିଆ ମୁଣ୍ଡା ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଥିଲେ। ପ୍ରଧାନ ଶିକ୍ଷକ ଉକ୍ତ ବିଦ୍ୟାଳୟରେ ଦୀର୍ଘ ୧୫ ବର୍ଷ ଶିକ୍ଷାଦାନ କରିଥିଲେ।

## ମାମୁ ଝିଅଙ୍କୁ ଅପହରଣ ଅଭିଯୋଗ

### ପରିବାର ଲୋକେ ବାନ୍ଧି ପୋଲିସ ଜିମାଦେଲେ

ଆନନ୍ଦପୁର,୫।୭(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ କଣ୍ଟିପାଳ ପଞ୍ଚାୟତ କଣ୍ଟିପାଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମାମୁଙ୍କ ଝିଅଙ୍କୁ ମନ୍ଦ ଉଦ୍ଦେଶ୍ୟ ରଖି ଭଣଜା ଅପହରଣ କରୁଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେଇଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ ହେଲେ ଆନନ୍ଦପୁର ଥାନା ପଚାଙ୍ଗ ଗ୍ରାମର ସୁର ନାୟକ। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ୨ ଘଟିକା ସମୟରେ ସୁର ମାମୁଙ୍କ ଘରକୁ ଆସିଥିଲେ। ଖାଇ ସାରିବା ପରେ ମାମୁଙ୍କ ନାବାଳିକା ଝିଅକୁ ପାଖ ଦୋକାନରୁ ବିସ୍କୁଟ କିଣିଦେବେ କହି ବାଇକ୍‌ରେ ମୟୂରଭଞ୍ଜ ଜିଲା ବାଗଦଫା ଅଞ୍ଚଳକୁ ନେଇଯାଇଥିଲେ। ସେଠାରୁ କେନ୍ଦୁଝର ଆନନ୍ଦପୁର ବ୍ଲକ୍ କୋଳିମାଟି କୁମୁଡ଼କୁ ରାତି ୧୨ ଟାରେ ନେଉଥିଲେ। ନାବାଳିକା ବାଇକ୍‌ରୁ ଡେଇଁ ରାସ୍ତାକଡ଼ ବୁଦାରେ ଲୁଚିଯାଇଥିଲେ। ସୁବିଧା ଦେଖି ନିକଟସ୍ଥ ଗାଁକୁ ଯାଇ ସବୁ କଥା କହିଥିଲେ। ପରେ ଲୋକେ ଘଷିପୁରା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାରକରି ପରିବାର ଲୋକଙ୍କୁ ଡକାଇ ହସ୍ତାନ୍ତର କରିଥିଲା। ପରିବାର ଲୋକେ ଭଣଜା ସୁରଙ୍କୁ ଖୋଜି ଘରକୁ ଆଣି ଶୁକ୍ରବାର ଏକ ଗଛରେ ବାନ୍ଧି ନିର୍ଘୂମ୍ ଛେଚି ଜୋତାମାଳ ପିନ୍ଧାଇଥିଲେ। ଆନନ୍ଦପୁର ପୋଲିସ ପହଞ୍ଚି ଉଦ୍ଧାରକରି ଥାନାକୁ ନେଇ ପଚରାଉଚରା କରୁଛି। ମନ୍ଦ ଉଦ୍ଦେଶ୍ୟ ରଖି ଅଭିଯୁକ୍ତ ଅପହରଣକରି ନେଉଥିବା ପୀଡ଼ିତାଙ୍କ ମା' ଅଭିଯୋଗ କରିଛନ୍ତି।

## ଡ୍ରେନେଜ୍ ସମସ୍ୟା ବଢ଼ାଉଛି ବେଆଇନ ଜମି କାରବାର

କେନ୍ଦୁଝର,୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରାଞ୍ଚଳରେ ବିନା ପ୍ଲାନିଂରେ ଘର ଓ ଉନ୍ନୟନ କାର୍ଯ୍ୟ ବଢ଼ି ଚାଲିଥିବାରୁ ଲୋକଙ୍କ ସମସ୍ୟା ଦିନକୁ ଦିନ ବଢୁଛି। ଯଦିଓ ସରକାର ସହରାଞ୍ଚଳ ଉନ୍ନୟନ ଓ ବିକାଶ ପାଇଁ ଅନେକ ନିୟମ କାନୁନ କରିଛନ୍ତି। ନିୟମକୁ କେନ୍ଦୁଝର ଜିଲା ସବ୍ ରେଜିଷ୍ଟ୍ରର ଓ ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ ମାନୁନାହାନ୍ତି। ଫଳରେ ସହରରେ ଡ୍ରେନେଜ ଓ ଅନ୍ୟା ସମସ୍ୟା ବଢୁଛି ବୋଲି ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ସୁବର୍ଣ୍ଣ ନାୟକ ଅଭିଯୋଗ କରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତିରେ ସହରାଞ୍ଚଳର ବିଭିନ୍ନ ସମସ୍ୟା ଉଜାଗର କରିବା ସହ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ସାଧାରଣତଃ କୌଣସି ସହରାଞ୍ଚଳର ଉନ୍ନୟନ ପାଇଁ ମାଷ୍ଟରପ୍ଲାନ ଓ ରେରା ଆଇନକୁ ବିସ୍ତୃତ ଭାବରେ କାର୍ଯ୍ୟକାରୀ କରାଯାଏ। ମାତ୍ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ କ୍ଷୋଭର କଥା କେନ୍ଦୁଝରରେ ମାଷ୍ଟରପ୍ଲାନ କାର୍ଯ୍ୟକାରୀ ହେଉନାହିଁ। ଫଳରେ ବିନା ଯୋଜନାରେ ଜମି ବିକ୍ରି ଓ ଘର ହେଉଛି। ଫଳରେ ସହରର ଭାଲୁକିପତଳା, ବଳଦେବଜୀଉ କଲୋନୀ, ବ୍ୟାଙ୍କ କଲୋନୀ, ଡି.ଏନ ହାଇସ୍କୁଲ ପଛପଟ ଅଞ୍ଚଳ ସମେତ ଅନ୍ୟାନ୍ୟ ଅଞ୍ଚଳ ସାମାନ୍ୟ ବର୍ଷାରେ ଜଳମଗ୍ନ ହେଉଛି। କାରଣ କେନ୍ଦୁଝରର ପ୍ରାକୃତିକ ଜଳ ନିଷ୍କାସନ କେନାଲଗୁଡ଼ିକୁ ଜମି ଦଲାଲମାନେ ବିକ୍ରୟ କରିସାରିଲେଣି। ଏହି ପ୍ରକ୍ରିୟା ଚାଲୁ ରହିଲେ କେନ୍ଦୁଝରର ପ୍ରସ୍ତାବିତ ମାଷ୍ଟର ଡ୍ରେନ୍ କାର୍ଯ୍ୟ ସୁଚାରୁ ରୂପେ ଚାଲିପାରିବ ନାହିଁ ବୋଲି ସେ କହିଛନ୍ତି। ଗୋବିନ୍ଦପୁର ଅଞ୍ଚଳରେ ଜମି ଦଲାଲ ବେନିୟମ ପ୍ଲଟିଂ ଆରମ୍ଭ କରିଛନ୍ତି। ପ୍ଲଟିଂ ଯଦି ବନ୍ଦ ନ ହୁଏ ତେବେ କେନ୍ଦୁଝର ସହରର ବର୍ଷା ଜଳ ଆଉ ନିଷ୍କାସନ ହୋଇପାରିବ ନାହିଁ। ଗୁରୁତର ସମସ୍ୟା ସୃଷ୍ଟି କରିବ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲାପାଳ ବିଶାଳ ସିଂହ, ଅଧ୍ୟକ୍ଷା ନିକୁ ସାହ, କେନ୍ଦୁଝର ସ୍ୱତନ୍ତ୍ର ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସମାଧାନ ଦାବି କରିଥିବା କହିଛନ୍ତି। ଏ ନେଇ ପଦକ୍ଷେପ ନିଆ ନ ଗଲେ ସହରବାସୀଙ୍କୁ ନେଇ ଜନ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଅନୁଦାନ ପ୍ରଦାନକୁ ନେଇ ତେଜୁଛି ଅସନ୍ତୋଷ

### ବାରିପଦା ରଥଯାତ୍ରା

ବାରିପଦା,୫।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ରଥଯାତ୍ରା ନିମନ୍ତେ ଦେବୋତ୍ତର ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ମଗାଯାଇଥିବା ଅନୁଦାନ ରାଶିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅଦ୍ୟାବଧି ରାଜ୍ୟସରକାର କୌଣସି ଅନୁଦାନ ପ୍ରଦାନ କରି ନ ଥିବାରୁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୁଖ୍ୟମନ୍ତ୍ରୀଙ୍କୁ ସୋସିଆଲ ମିଡିଆ ଏକ୍ସ ଯୋଗେ ତୁରନ୍ତ ସହାୟତା ରାଶି ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ଏହାକୁ ନେଇ ଭାଞ୍ଜସେନା ପକ୍ଷରୁ ଜିଲା ଉପସଭାପତି ରାକେଶ ମହାନ୍ତି ମୟୂରଭଞ୍ଜ ଜିଲାପାଳ ଓ ଏସ୍‌ପିଙ୍କୁ ପୃଥକ ଭାବରେ ଦୁଇଟି ଦାବିପତ୍ର ପ୍ରଦାନ କରି ଆଗାମୀ ରଥଯାତ୍ରାରେ କୌଣସି ଭିଆଇପି କିମ୍ବା ଆବଶ୍ୟକତା ନ ଥିବା ସରକାରୀ ଅଧିକାରୀ ଏବଂ ତାଙ୍କ ପରିବାରବର୍ଗଙ୍କୁ କର୍ଡନ ପାସ ନ ଦେବାକୁ ଦାବି କରିଛନ୍ତି। ଏହା ସହିତ ସମସ୍ତେ ଶ୍ରଦ୍ଧା ମନୋଭାବରେ ଲୋକଙ୍କ ଗହଳିରେ ରଥ ଟାଣିବା ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଦାବି ଜଣାଇଥିଲେ। ଯଦି ଭଞ୍ଜସେନାର ଦାବିଗୁଡିକ ପ୍ରତି ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ଗୁରୁତ୍ୱ ପ୍ରଦାନ ନ କରନ୍ତି ତେବେ ଭଞ୍ଜସେନା ପକ୍ଷରୁ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ଜିଲା ସଭାପତି ପିଣ୍ଟୁ ମାଇତି ଚେତାବନୀ ଦେଇଛନ୍ତି ବୋଲି ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ସାମାଜିକ କର୍ମୀଙ୍କ ସ୍ମୃତିରେ ଚାରାରୋପଣ

ରାମଚନ୍ଦ୍ରପୁର,୫।୭(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ସାଇଁକୁଳ ଗ୍ରାମର ସାମାଜିକ କର୍ମୀ ଦିପ୍ତିକାନ୍ତ ପରିଡ଼ାଙ୍କ ସ୍ମୃତିରେ ସାଇଁକୁଳ ଯୁବକ ସଂଘ ପକ୍ଷରୁ ରାମଚନ୍ଦ୍ରପୁର ଥାନା ଅଧୀନରେ ଥିବା ସାଇଁକୁଳ ଫାଣ୍ଡି ପରିସରରେ ଚାରାରୋପଣ କରାଯାଇଛି। ଅତିଥି ଭାବେ ଫାଣ୍ଡି ଅଧିକାରୀ ସୁରେସ ମାଝୀ, ଖଲଣା କୋପରଟିଭ ବ୍ୟାଙ୍କର ସଭାପତି ବିଭ୍ରାସଚନ୍ଦ୍ର ନାଏକ ଯୋଗ ଦେଇଥିଲେ। ଯୁବକ ସଂଘ ପକ୍ଷରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ପାଞ୍ଚ ହଜାର ଚାରାରୋପଣ କରାଯିବ ବୋଲି ପ୍ରକାଶ କରିଥିଲେ। ଯୁବକ ସଂଘ ସଦସ୍ୟ ଶୁଭକାନ୍ତ ପରିଡ଼ା, ନିର୍ମାଲ୍ୟ ସାହୁ, ଭୟଙ୍କର ଚକ୍ର, ଲାଲ ମୋହନ ସା, ହିତେଶ ଜେନା, ଶରତ ସେନାପତି, ବୈକଚନ ବେହେରା, ରୁଦ୍ରନାରାୟଣ ପାଢ଼ୀ, ଆଦିତ୍ୟ ଦାସ, ଅମନ ଚକ୍ରଙ୍କ ସମେତ ଫାଣ୍ଡିର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଉନ୍ନୟନ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ ନିର୍ଦ୍ଦେଶ

**ପଞ୍ଚାୟତ ସମିତି ବୈଠକ**

ପାଟଣା,୫।୭(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ପାଟଣା ବ୍ଲକ୍ ଅଧ୍ୟକ୍ଷା ଶୁକାନ୍ତି ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ଉନ୍ନୟନ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରିବା, ବିନା ଦୁର୍ନୀତିରେ ସ୍ୱଚ୍ଛତାର ସହ ସରକାରୀ କାର୍ଯ୍ୟ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ। ଆବାସିକ ସ୍କୁଲର ବିପର୍ଯ୍ୟସ୍ତ ଶୌଚାଳୟ ଅବସ୍ଥା ସୁଧାରିବାକୁ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଏଥିରେ ମେଗା ପାନୀୟ ପ୍ରକଳ୍ପ, ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଆଲୋଚନା ହୋଇଥିଲା। ବିନା କାରଣରେ ବୈଠକରେ ଅନୁପସ୍ଥିତି ଥିବା ବିଇଓ, ରେଞ୍ଜର, ପିଡବ୍ଲୁଡି, ମାଇନର ଇରିଗେଶନ, ଲିଫ୍ଟ ଇରି ଗେଶନ, ଉଦ୍ୟାନ କୃଷି ଅଧିକାରୀଙ୍କୁ ବିଧାୟକଙ୍କ ନିର୍ଦ୍ଦେଶରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ବିଡ଼ିଓ ଶିବ ଶଙ୍କର ମୁର୍ମୁ, ଏବିଡିଓ ଚିତ୍ତରଞ୍ଜନ ନାୟକ, ବ୍ଲକ୍ ଉପାଧ୍ୟକ୍ଷା ବୀଣାପାଣି ନାୟକ, ଜିଲା ପରିଷଦ ସଭ୍ୟା ରୁନୁ ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାୟକ, ପ୍ରଫୁଲ୍ଲ ନାୟକ, ଏମ୍‌ପି ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ଜିଡିପିଓ ରଶ୍ମୀ ରେଖା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ଅନ୍ୟମାନେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୈଶିଙ୍ଗା,୫।୭(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ସାନଖିରପଦାଠାରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପରିଡ଼ା ଜୁନ ୩୦ ତାରିଖରେ ଅବସର ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେତନଟୀ କଲେଜର ଅବସର ପ୍ରାପ୍ତ ଅଧ୍ୟାପକ ଅଲେଖ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନଶିକ୍ଷକ ପରିଡାଙ୍କ ସ୍ୱଭାବ, ଛାତ୍ରବତ୍ସଳତା, ସମୟାନୁବର୍ତ୍ତିତା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁମତୀ ଭୁୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟତମ ଅତିଥି ଭାବେ ଜିଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାଇ ଓତା, ଲମ୍ବୋଦର ପଣ୍ଡା, ହରିଶ ଚନ୍ଦ୍ର ବେହେରା, କମଳାକାନ୍ତ ବେହେରା, ଭରତ ଚନ୍ଦ୍ର ଓଝା, ସର୍ବେଶ୍ୱର ପରିଡା, ପରିଚାଳନା କମିଟି ସଭାପତି ମଦନ ମୁର୍ମୁ, ସିଦ୍ଧେଶ୍ୱର ବେହେରା, ଗଣେଶ୍ୱର ଓଝା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସଦସ୍ୟ ଓ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ। ହିମାଂଶୁ ମଣ୍ଡଳ ଓ ଗଙ୍ଗାଧର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

